ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 41 | 9 - 15 October 2022 | Sambalpur | Page- 8 | Invitation Price Rs.10




## ‘ପବିତ୍ର ବିଜୟା ଦଶମୀ -୨୦୨୨’ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରନ୍ତୁ ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




## ଶାରଦୀୟ ଦୁର୍ଗାପୂଜା-୨୦୨୨ ଅବସରରେ ବାର୍ତ୍ତା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁଁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଦୁର୍ଗତିନାଶିନୀ ମା’ ଦୁର୍ଗାଙ୍କ ଆଶୀର୍ବାଦରୁ ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇ ପ୍ରତି ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଯାଉ, ଏହା ମୋର ମମତାମୟୀ ମା’ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା


ଓଡ଼ିଶା ସରକାର


## ମୁଖ୍ୟମନ୍ତ୍ରୀଙ୍କ ଶାରଦୀୟ ଅଭିନନ୍ଦନ


ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନର ଶୁଭଲଗ୍ନରେ ଜଗତ୍‌ଜନନୀ ମା’ଙ୍କର ଧରାବତରଣ ଜଗତକୁ କରିଛି ଉତ୍ସବ ମୁଖର । ପାର୍ବଣର ଏହି ଆନନ୍ଦମୟ ପରିବେଶରେ ଆସନ୍ତୁ, ସବୁ ଭେଦଭାବ ଭୁଲି ଓଡ଼ିଶାର ବିକାଶ ପାଇଁ ଶପଥ ନେବା ଏବଂ ଏକ ସମୃଦ୍ଧ ଓଡ଼ିଶା ଓ ସଚେତନ ସମାଜ ଗଠନ ଦିଗରେ ସାମୂହିକ ଉଦ୍ୟମ ଜାରି ରଖିବା ।

ସମସ୍ତଙ୍କୁ ପାର୍ବଣର ଶୁଭ ଅଭିନନ୍ଦନ । ମା’ଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଆନନ୍ଦମୟ କରୁ ଏତିକି ପ୍ରାର୍ଥନା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜନୀତି ମୋ ପାଇଁ ଏକ ଆଧ୍ୟାତ୍ମିକ ଯାତ୍ରା: ନବୀନ ପଟ୍ଟନାୟକ

ସମ୍ବଲପୁର : ରାଜନୀତିରେ ନମ୍ର, ପ୍ରଶାସନରେ ଦକ୍ଷ, ଲୋକକଲ୍ୟାଣ ଓ ରାଜ୍ୟର ସ୍ୱାର୍ଥଜଡିତ ପ୍ରସଙ୍ଗରେ ଅଦମିତ ଯୋଦ୍ଧା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ‘ରାଜନୀତିର ଗ୍ରାଣ୍ଡମାଷ୍ଟର’ ଭାବେ ଖ୍ୟାତି ସମ୍ପନ୍ନ ଇଂରାଜୀ ପତ୍ରିକା ‘ଦି ୱିକ୍’ ଅଭିହିତ କରିଛି । ରାଜନୀତିରେ ଅପ୍ରତ୍ୟାଶିତ ପ୍ରବେଶ ସତ୍ତ୍ୱେ ଗତ ୨୫ ବର୍ଷ ଧରି ରାଜ୍ୟବାସୀଙ୍କ ସେବାରେ ନିଜକୁ ସମର୍ପଣ କରିଥିବା ନବୀନ ଇତି ମଧ୍ୟରେ କ୍ଷମତା ରାଜନୀତିର ସତରଞ୍ଜ ଖେଳରେ ନିଜକୁ ଧୂରୀଣ ସାବ୍ୟସ୍ତ କରିଛନ୍ତି । ଏକ ଆଞ୍ଚଳିକ ଦଳର ନେତୃତ୍ୱ ନେଉଥିବା ସତ୍ତ୍ୱେ ଜାତୀୟ ରାଜନୀତିରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସେ ସମର୍ଥ ହୋଇଛନ୍ତି । ରାଜ୍ୟ ରାଜନୀତିରେ ଅଢ଼େଇ ଦଶନ୍ଧି ଧରି ଅଦ୍ୱିତୀୟ ଅଦମନୀୟ ଓ ଅପରାଜେୟ ନେତା ଭାବରେ ନିଜକୁ ଅଧିଷ୍ଠିତ କରିବାରେ ସେ ସଫଳ ହୋଇଛନ୍ତି । ବିଚକ୍ଷଣ ରାଜନୈତିକ ଗୋଟିଚାଳନା, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ଲୋକଙ୍କ ଜୀବନରକ୍ଷା କ୍ଷେତ୍ରରେ ଯୋଜନାବଦ୍ଧ ପଦକ୍ଷେପ, ଖାଦ୍ୟ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକ୍ରମ ନବୀନଙ୍କୁ ଦେଇଛି ଅନ୍ତର୍ଜାତୀୟ ସ୍ୱୀକୃତି ଓ ସମ୍ମାନ । ଏହି କ୍ରମରେ ଖ୍ୟାତନାମା ଇଂରାଜୀ ପତ୍ରିକା ‘ଦି ୱିକ୍’ ନିଜର କଭର ପୃଷ୍ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ଥାନ ଦେଇଛି । ରାଜନୀତିର ଗ୍ରାଣ୍ଡମାଷ୍ଟର ଭାବରେ ଅଭିହିତ କରିଛି ଯେଉଁଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ରାଜନୈତିକ ଯାତ୍ରାର ଅବତାରଣା କରିଛନ୍ତି ।ରାଜନୀତିକୁ ବୃତ୍ତି ନୁହେଁ, ତାଙ୍କ ପାଇଁ ଏକ ଆଧ୍ୟାତ୍ମିକ ଯାତ୍ରା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

୨ ପୃଷ୍ଠାରେ...


କାର୍ତ୍ତିକ ମାସରେ ତୁଳସୀର ମାହାତ୍ମ୍ୟ


କ୍ଷୀର ପିଅନ୍ତୁ, ଦାନ୍ତ ମଜବୁତ ହେବ


ଅବସାଦର ମହୌଷଧ କାଜୁ


ପ୍ରୋଟିନ୍‌ରେ ଭରପୂର କାଙ୍କଡ଼


ତେନ୍ତୁଳିର ଉପଯୋଗିତା


ମୂଳାର ଉପକାରିତା

# ବିଜୟା ଦଶମୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡକ୍ଟର ମୋହନ ରାଓ ଭାଗବତ ଦେଇଥିବା ପୂର୍ଣ୍ଣାଙ୍ଗ ଭାଷଣର ଓଡ଼ିଆ ଭାଷାନ୍ତର

ନବରାତ୍ରୀର ଶକ୍ତିପୂଜା ପରେ ପରେ ବିଜୟସହିତ ଉଦିତ ହୋଇଥିବା ଆଶ୍ୱିନ ଶୁକ୍ଲପକ୍ଷ ଦଶମୀ ତିଥିରେ ପ୍ରତିବର୍ଷ ଭଳି ବିଜୟାଦଶମୀ ଉତ୍ସବ ପାଳନ କରିବା ନିମନ୍ତେ ଆମେ ଆଜି ଏଠାରେ ଏକତ୍ରିତ ହୋଇଛୁ । ଶକ୍ତି ସ୍ୱରୂପା ଜଗଦ୍‌ଜନନୀ ହିଁ ଶିବସଂକଳ୍ପକୁ ସଫଳ କରିବାର ଆଧାର । ସର୍ବତ୍ର ପବିତ୍ରତା ଓ ଶାନ୍ତି ସ୍ଥାପନା ନିମନ୍ତେ ମଧ ଶକ୍ତିର ଆଧାର ଅନିବାର୍ଯ୍ୟ ।

ସଂଘର କାର୍ଯ୍ୟକ୍ରମରେ ଅତିଥି ରୂପେ ସମାଜର ପ୍ରବୁଦ୍ଧ ତଥା କର୍ତୃତ୍ୱସମ୍ପନ୍ନ ମହିଳାଙ୍କ ଉପସ୍ଥିତିର ପରମ୍ପରା ଖୁବ୍ ପୁରୁଣା । ବ୍ୟକ୍ତି ନିର୍ମାଣର ଶାଖା ପଦ୍ଧତିରେ ପୁରୁଷ ଏବଂ ମହିଳାମାନଙ୍କ ନିମନ୍ତେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତଥା ରାଷ୍ଟ୍ର ସେବିକା ସମିତି ପୃଥକ ପୃଥକ ଭାବେ କାର୍ଯ୍ୟ କରିଥାଏ । ଅନ୍ୟ ସମସ୍ତ କାର୍ଯ୍ୟରେ ମହିଳାମାନେ ପୁରୁଷମାନଙ୍କ ସହିତ ମିଶି କାର୍ଯ୍ୟ କରିଥାନ୍ତି । ଭାରତୀୟ ପରମ୍ପରାରେ ଏହି ପରିପୂରକତା ଉପରେ ବିଚାର କରାଯାଇଛି । ଆମେ ଏ ଦୃଷ୍ଟିଭଙ୍ଗୀକୁ ଭୁଲି ଯାଇଛୁ । ମାତୃଶକ୍ତିକୁ ସୀମିତ କରିଦେଇଛୁ । ନିରନ୍ତର ଆକ୍ରମଣ ଜନିତ ପରିସ୍ଥିତି ଏହି ମିଥ୍ୟାଚାରକୁ ତାତ୍‌କାଳିକ ବୈଧତା ପ୍ରଦାନ କଲା ଏବଂ ଏହାକୁ ଅଭ୍ୟାସରେ ପରିଣତ କରିଦେଲା । ଭାରତର ନବ ଅଭ୍ୟୁଦୟର ଉଷାକାଳରେ ଆମର ସମସ୍ତ ମହାପୁରୁଷମାନେ ଏହି ରୁଢ଼ିବାଦୀ ବିଚାରଧାରାକୁ ତ୍ୟାଗକରି ମାତୃଶକ୍ତିକୁ ଦେବତାର ସ୍ୱରୂପ ପ୍ରଦାନ କରିଛନ୍ତି ଏବଂ ତାଙ୍କୁ ପୂଜାଘରେ ଅଥବା ଦ୍ୱିତୀୟ ଶ୍ରେଣୀ ନାଗରିକଭାବେ ରୋଷାଇ ଘର ପର୍ଯ୍ୟନ୍ତ ସୀମିତ କରିବା ଭଳି ଅତିବାଦୀ ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଉଠି ତାଙ୍କର ସଶକ୍ତିକରଣ ଏବଂ ସମାଜର ସମସ୍ତ କାର୍ଯ୍ୟକଳାପରେ ସହଭାଗୀତା ଏବଂ ସମାନତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବିଭିନ୍ନ ପ୍ରକାରର କଟୁ ଅନୁଭବ ପରେ ବିଶ୍ୱରେ ପ୍ରଚଳିତ ବ୍ୟକ୍ତିବାଦୀ ତଥା ସ୍ତ୍ରୀବାଦୀ ଦୃଷ୍ଟିକୋଣ ମଧ ଏବେ ଏ ଦିଗକୁ ଆକର୍ଷିତ ହେଉଅଛି । ୨୦୧୭ରେ ବିଭିନ୍ନ ସଂଗଠନମାନଙ୍କରେ କାର୍ଯ୍ୟରତ ମହିଳାମାନେ ଭାରତର ମହିଳାଙ୍କ ଉପରେ ବ୍ୟାପକ ଏବଂ ସର୍ବାଙ୍ଗୀନ ସର୍ବେକ୍ଷଣ କରିଥିଲେ । ଏସମ୍ପର୍କରେ ଶାସନ ପ୍ରଶାସନକୁ ମଧ ଅବଗତ କରାଯାଇଥିଲା । ଏହି ସର୍ବେକ୍ଷଣର ନିର୍ଷ୍କର୍ଷ ମଧ ମାତୃଶକ୍ତିର ପ୍ରବୋଧନ, ସଶକ୍ତିକରଣ ଓ ସେମାନଙ୍କ ସମାନ ସହଭାଗିତାର ଆବଶ୍ୟକତାକୁ ସୂଚିତ କରେ । ଏହିକାର୍ଯ୍ୟ ପରିବାରସ୍ତରରୁ ଆରମ୍ଭ ହୋଇ ବିଭିନ୍ନ ସଂଗଠନ ଯାଏଁ ସ୍ୱୀକାର ତଥା ପ୍ରଚଳନ କରିବାକୁ ହେବ । ତେବେ ଯାଇ ରାଷ୍ଟ୍ରୀୟ ନବଅଭ୍ୟୁଦୟରେ ମାତୃଶକ୍ତି ସଂପୂର୍ଣ୍ଣ ସମାଜର ସହଭାଗୀତା ନିମନ୍ତେ ନିଜ ଭୂମିକା ସଫଳତା ପୂର୍ବକ ତୁଲାଇ ପାରିବେ ।

ଏହି ରାଷ୍ଟ୍ରୀୟ ନବଅଭ୍ୟୁଦୟର ପ୍ରକ୍ରିୟାକୁ ବର୍ତମାନ ସାମାନ୍ୟ ବ୍ୟକ୍ତିମଧ ଅନୁଭବ କରୁଅଛି । ଆମ ପ୍ରିୟ ଭାରତବର୍ଷର ଶକ୍ତି, ସାମର୍ଥ୍ୟ ଏବଂ ବିଶ୍ୱବ୍ୟାପୀ ପ୍ରତିଷ୍ଠାରେ ହେଉଥିବା କ୍ରମାଗତ ବୃଦ୍ଧିକୁ ନେଇ ଆମେ ସମସ୍ତେ ଖୁବ୍ ଆନନ୍ଦିତ । ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭରତା ଆଡକୁ ଅଗ୍ରସର ହେଉଥିବା ଶାସନର ନୀତି ଆମ ପାଇଁ ଅନୁକରଣୀୟ । ବିଶ୍ୱର ବିଭିନ୍ନ ରାଷ୍ଟ୍ର ମଧରେ ଭାରତର ମହତ୍ୱ ଏବଂ ବିଶ୍ୱସନୀୟତା ଅନେକ ଗୁଣରେ ବୃଦ୍ଧିପାଇଛି । ସୁରକ୍ଷା କ୍ଷେତ୍ରରେ ଆମେ ଅଧିକରୁ ଅଧିକ ସ୍ୱାବଲମ୍ବୀ ହୋଇ ଚାଲିଛନ୍ତି । କରୋନାର କବଳରୁ ମୁକ୍ତ ହୋଇ ଆମ ଅର୍ଥ ବ୍ୟବସ୍ଥା ସମୟର ଗତି ସହିତ ତାଳ ଦେଇ ବର୍ତମାନ ପୂର୍ବ ସ୍ଥିତିକୁ ଫେରି ଆସୁଛି । ନୂଆଦିଲ୍ଲୀରେ 'କର୍ତବ୍ୟପଥ' ଉଦ୍‌ଘାଟନ କଲାବେଳେ ଆଧୁନିକ ଭାରତର ଭବିଷ୍ୟତ ନିମନ୍ତେ ଆର୍ଥିକ, ବୈଷୟିକ ଜ୍ଞାନକୌଶଳ, ତଥା ସାଂସ୍କୃତିକ ସଂରଚନାର ବର୍ଣ୍ଣନା ପ୍ରଧାନମନ୍ତ୍ରୀଙ୍କ ମୁଖରୁ ଆପଣମାନେ ଶୁଣିଛନ୍ତି । ଶାସନଦ୍ୱାରା ସ୍ପଷ୍ଟଭାବରେ ଘୋଷିତ ଏହି ଦିଗ୍‌ଦର୍ଶନ ଅଭିନନ୍ଦନ ଯୋଗ୍ୟ ଅଟେ । କିନ୍ତୁ ଏଥି ନିମନ୍ତେ ଆମ ସମସ୍ତଙ୍କୁ ସାଥି ହୋଇ ମନ, କର୍ମ, ବଚନ ଏକ କରି କାମ କରିବାକୁ ପଡ଼ିବ । ଆତ୍ମନିର୍ଭରତା ପଥରେ ଅଗ୍ରସର ହେବା ନିମନ୍ତେ ପ୍ରଥମ ସର୍ତ ହେଉଛି ରାଷ୍ଟ୍ରର ଆତ୍ମ ସ୍ୱରୂପକୁ ଶାସନ, ପ୍ରଶାସନ ଏବଂ ସମାଜ ସ୍ପଷ୍ଟ ତଥା ସମାନ ଭାବରେ ବୁଝୁ । ନିଜ ନିଜ ସ୍ଥାନ ଏବଂ ପରିସ୍ଥିତି ଆଧାରରେ ସମୟ ଅନୁସାରେ ଏଥିରେ କିଛିଟା କୋହଳ ମନୋଭାବ ଧାରଣ କରାଯାଇପାରେ । ତେବେ ଯାଇ ପରସ୍ପର ମଧରେ ବୁଝାମଣା ଓ ବିଶ୍ୱାସ ଆଧାରରେ ଆଗକୁ ବଢି ପାରିବା । ବିଚାରର ସ୍ପଷ୍ଟତା, ସମଦୃଷ୍ଟି ଓ ଦୃଢତା ଏବଂ କୋହଳ ମନୋଭାବର ମର୍ଯ୍ୟାଦା ଆମକୁ ଭୁଲ ମାର୍ଗରେ ଯିବା ତଥା ବାଟବଣା ହେବାରୁ ରକ୍ଷା କରିପାରିବ । ସ୍ୱାର୍ଥ ଏବଂ ଭେଦଭାବରୁ ଉର୍ଦ୍ଧ୍ୱକୁ ଉଠି ଶାସନ-ପ୍ରଶାସନ, ବିଭିନ୍ନ ନେତୃବୃନ୍ଦ ଏବଂ ସମାଜ ନିଜ ନିଜ କର୍ତବ୍ୟ ପଥରେ ଅଗ୍ରସର ହେଲେ ଯାଇ ରାଷ୍ଟ୍ର ପ୍ରଗତି ପଥରେ ଅଗ୍ରସର ହୋଇଥାଏ । ଶାସନ-ପ୍ରଶାସନ ତଥା ନେତୃବୃନ୍ଦ ନିଜ ନିଜ କର୍ତବ୍ୟ ସଂପାଦନ କରିବେ । ସେହିଭଳି ସମାଜକୁ ମଧ ନିଜ କର୍ତବ୍ୟ ବିଚାର ପୂର୍ବକ ସଂପାଦିତ କରିବାକୁ ହେବ ।

ଏହି ନବଅଭ୍ୟୁଦୟ ପ୍ରକ୍ରିୟାରେ ଆସୁଥିବା ବିଭିନ୍ନ ବାଧାବିଘ୍ନକୁ ପାର କରି କାମ କରିବାକୁ ହେବ । ପ୍ରଥମ ବାଧା ହେଉଛି ଗତାନୁଗତିକତା ! ସମୟର ତାଳେ ତାଳେ ମନୁଷ୍ୟର ଜ୍ଞାନ ମଧ ଆଗକୁ ବଢିଥାଏ । କିଛି କଥା ବଦଳି ଥାଏ, କିଛି ବିଲୁପ୍ତ ହୁଏ, କିଛି ନୂଆ କଥା ଓ ପରିସ୍ଥିତି ମଧ ଜନ୍ମ ନେଇଥାଏ । ତେଣୁ ନୂତନ ସଂରଚନା ସୃଷ୍ଟି କଲାବେଳେ ଆମକୁ ପରମ୍ପରା ଓ ସମସାମୟିକତା ମଧରେ ସମନ୍ୱୟ ସ୍ଥାପନ କରିବାକୁ ହେବ । ଅପ୍ରାସଙ୍ଗିକ ପ୍ରଥା ତ୍ୟାଗକରି ନୂତନ ତଥା ଯୁଗ ଓ ଦେଶ ଅନୁକଳ ପରମ୍ପରା ତିଆରି କରିବାକୁ ହେବ । ଏପରି ନିରୂପଣ କଲା ବେଳେ ଆମକୁ ସାବଧାନ ରହିବାକୁ ହେବ ଯେ, ଏହି ପ୍ରକ୍ରିୟାରେ ଆମର ପରିଚୟ, ସଂସ୍କୃତି, ଦୃଷ୍ଟିକୋଣ ଆଦି ଶାଶ୍ୱତ ମୂଲ୍ୟବୋଧ ନଷ୍ଟ ନହେଉ ତଥା ଏଗୁଡିକ ପ୍ରତି ଆମର ଶ୍ରଦ୍ଧା ଏବଂ ଆଚରଣ ପୂର୍ବପରି ରହିଥାଉ ।

ଦ୍ୱିତୀୟ ପ୍ରକାର ବାଧା ଭାରତର ଏକତା ଓ ଉନ୍ନତି ଚାହୁଁ ନଥିବା ଶକ୍ତିମାନେ ସୃଷ୍ଟିକରିଥାନ୍ତି । ମିଛ ଏବଂ ଅସତ୍ୟ କଥା ପ୍ରଚାର-ପ୍ରସାର କରି ଭ୍ରମ ଉତ୍ପନ୍ନ କରିବା, ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିବା ଅଥବା ତାକୁ ପ୍ରୋତ୍ସାହନ ଦେବା, ସମାଜରେ ଆତଙ୍କ ସୃଷ୍ଟି କରିବା ସହିତ କଳହ ଏବଂ ଅରାଜକତା ବଢାଇବା ଭଳି ଏମାନଙ୍କ କାର୍ଯ୍ୟ ଆମେ ଅନୁଭବ କରୁଛନ୍ତି । ସମାଜର ବିଭିନ୍ନ ବର୍ଗ ମଧରେ ସ୍ୱାର୍ଥ ଓ ଦ୍ୱେଷ ଆଧାରରେ ଶତୃତା ସୃଷ୍ଟି କଲାଭଳି ସେମାନଙ୍କ କାମ ସ୍ୱାଧୀନ ଭାରତରେ ଏବେ ମଧ ଜାରି ରହିଛି । ଭାଷା, ପନ୍ଥ, ପ୍ରାନ୍ତ ଏବଂ ନୀତି ଯାହା ହେଉନା କାହିଁକି ଏମାନଙ୍କ ପ୍ରଲୋଭନରେ ନପଡି ନିର୍ଭୟ ହୋଇ ଏହାର ମୁକାବିଲା କରିବାକୁ ହେବ । ଏମାନଙ୍କ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଏବଂ ମୂଳୋତ୍ପାଟନ ନିମନ୍ତେ ଶାସନ ଓ ପ୍ରଶାସନର ପ୍ରଚେଷ୍ଟାରେ ଆମେ ସହାୟକ ହେବା । ସମାଜର ସଫଳ ସହଯୋଗ ହିଁ ଦେଶର ସୁରକ୍ଷା ଓ ଏକାତ୍ମତାକୁ ସଂପୂର୍ଣ୍ଣ ଭାବରେ ସୁନିଶ୍ଚିତ କରିଥାଏ ।

ଏହା ସର୍ବବିଦିତ ଅନୁଭବ ଯେ, ସମାଜର ସଶକ୍ତ ଭୂମିକା ବିନା କୌଣସି ଭଲ କାର୍ଯ୍ୟ ଅଥବା କୌଣସି ପରିବର୍ତନ ସ୍ଥାୟୀ ଏବଂ ଯଶସ୍ୱୀ ହୋଇ ନଥାଏ । କୌଣସି ଭଲ ବ୍ୟବସ୍ଥା ମଧ ଲୋକଙ୍କ ସକାରାତ୍ମକ ମନୋଭାବ ବିନା ଫଳବତୀ ହୋଇନଥାଏ ।

ସମାଜରେ ଜାଗରଣ ଆସିବା ପରେ ବ୍ୟବସ୍ଥା ଏବଂ ଶାସନତନ୍ତ୍ର ମାଧମରେ ବିଶ୍ୱରେ ଆସିଥିବା ଅଥବା ଅଣାଯାଇଥିବା ସ୍ଥାୟୀ ଏବଂ ବଡ ପରିବର୍ତନ ସମ୍ଭବ ହୋଇଥାଏ । ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦେବାଭଳି ନୀତି ଅତ୍ୟନ୍ତ ଆବଶ୍ୟକ ମନେହୁଏ । ନୂଆ ଶିକ୍ଷାନୀତି ଉପରେ ଶାସନ ଓ ପ୍ରଶାସନ ମଧ ପର୍ଯ୍ୟାପ୍ତ ଧାନ ଦେଉଛି । କିନ୍ତୁ ଅଭିଭାବକ ବର୍ଗ କ'ଣ ନିଜ ପିଲାଙ୍କୁ ମାତୃଭାଷାରେ ପାଠ ପଢାଇବାକୁ ଚାହାଁନ୍ତି ? ଅଥବା ତଥାକଥିତ ଆର୍ଥିକ ଲାଭ ଏବଂ କ୍ୟାରିୟରର ମୃଗ ମରିଚୀକା ପଛରେ ଚାଲିଥିବା ଅନ୍ଧ ପ୍ରତିଯୋଗିତାରେ ନିଜ ପିଲାଙ୍କୁ ସାମିଲ କରିବାକୁ ଚାହିଁଥାନ୍ତି ? ଶାସନ-ପ୍ରଶାସନ ଠାରୁ ମାତୃଭାଷାର ପ୍ରତିଷ୍ଠା ନିମନ୍ତେ ଆଶା ରଖୁଥିବାବେଳେ ଆମକୁ ଦେଖିବାକୁ ହେବ ଯେ ଆମେ ନିଜେ ମାତୃଭାଷାରେ ହସ୍ତାକ୍ଷର କରୁଛନ୍ତି କି ତ ? ଆମ ଘରେ ଲାଗିଥିବା ନାମ ଫଳକ ମାତୃଭାଷାରେ ଲେଖା ହୋଇଛି ତ ? ନିଜ ଘରର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପତ୍ର ମାତୃଭାଷାରେ ପଠାଯାଉଛି ତ ?

ନୂତନ ଶିକ୍ଷାନୀତି କାରଣରୁ ବିଦ୍ୟାର୍ଥୀ ଭଲ ମଣିଷ ହେଉ, ତା ହୃଦୟରେ ଦେଶଭକ୍ତିର ଭାବନା ଜାଗ୍ରତ ହେଉ, ସେ ସୁସଂସ୍କୃତ ନାଗରିକଟିଏ ହେଉ ଏକଥା ସମସ୍ତେ ଚାହାଁନ୍ତି । ହେଲେ ସୁଶିକ୍ଷିତ, ସୁସମ୍ପନ୍ନ ଓ ପ୍ରବୁଦ୍ଧ ଅଭିଭାବକ ଶିକ୍ଷାର ଏହି ସମଗ୍ର ଉଦ୍ଦେଶ୍ୟକୁ ଧାନରେ ରଖି ନିଜ ପିଲାଙ୍କୁ ବିଦ୍ୟାଳୟ ଅଥବା ମହାବିଦ୍ୟାଳୟକୁ ପଠାଉଛନ୍ତି କି ? ଶିକ୍ଷା କେବଳ ଶ୍ରେଣୀ ଗୃହରେ ମିଳି ନଥାଏ । ଘରେ ସଂସ୍କାରର ବାତାବରଣ ତିଆରି କରିବା ଦାୟିତ୍ୱ ହେଉଛି ଅଭିଭାବକଙ୍କର । ଏହାଛଡା ସମାଜରେ ଭଦ୍ର ବ୍ୟବହାର, ସାମାଜିକ ଅନୁଶାସନର ବାତାବରଣ ଠିକ୍ ରଖିବା ଦାୟିତ୍ୱ ଗଣମାଧମ ତଥା ଜନନେତାଙ୍କର । ପର୍ବ-ପର୍ବାଣୀ, ଉତ୍ସବ, ମେଳା-ମହୋତ୍ସବ ଆଦି ସାମାଜିକ ଆୟୋଜନର ମଧ ସମାନ ମହତ୍ୱ ରହିଛି । ଏ ଦିଗରେ ଆମେ କେତେ ଧାନ ଦେଉଛନ୍ତି ? ଏହାକୁ ଛାଡି କେବଳ ବିଦ୍ୟାଳୟ ମାନଙ୍କରେ ଦିଆଯାଉଥିବା ଶିକ୍ଷା ପ୍ରଭାବଶାଳୀ ହୋଇ ନଥାଏ ।

ବିଭିନ୍ନ ପ୍ରକାରର ଚିକିତ୍ସାପଦ୍ଧତି ଗୁଡିକୁ ସମନ୍ୱିତ କରି ସ୍ୱାସ୍ଥ୍ୟଲାଭ ନିମନ୍ତେ ଶସ୍ତା, ଗୁଣାତ୍ମକ ମାନଯୁକ୍ତ, ସର୍ବତ୍ର ସୁଲଭ ତଥା ଲାଭଖୋର ମାନସିକତାରୁ ମୁକ୍ତ ସ୍ୱାସ୍ଥ୍ୟତନ୍ତ୍ର ଶାସନ ପ୍ରଶାସନ ଦ୍ୱାରା ବିକଶିତ ହେଉ ଏହା ସଂଘର ମଧ ପ୍ରସ୍ତାବ । ଶାସନର ପ୍ରେରଣା ଓ ସମର୍ଥନ ଦ୍ୱାରା ବ୍ୟକ୍ତିଗତ ଓ ସାମାଜିକ ସ୍ୱଚ୍ଛତା, ଯୋଗ ତଥା ବ୍ୟାୟାମର କାର୍ଯ୍ୟକ୍ରମ ଆଗେଇ ଚାଲିଛି । ସମାଜରେ ଏଭଳି କାର୍ଯ୍ୟକ୍ରମ ପ୍ରତି ସମର୍ଥନ ଓ ଆଗ୍ରହ ଦର୍ଶାଉଥିବା ଅନେକ ଲୋକ ଅଛନ୍ତି । କିନ୍ତୁ ଏଗୁଡିକର ଅଣଦେଖାକରି ପୁରୁଣା ଚିରାଚରିତ ମାର୍ଗରେ ଯଦି ସମାଜ ଚାଲେ ତାହାହେଲେ କେଉଁ ବ୍ୟବସ୍ଥା ଭଲା ସମସ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ କରି ପାରିବ ? ସମ୍ବିଧାନ ଯୋଗୁଁ ରାଜନୈତିକ ତଥା ଆର୍ଥିକ ସମତାର ପଥ ପ୍ରଶସ୍ତ ହୋଇଛି କିନ୍ତୁ ସାମାଜିକ ସମତା ନଆସିବା ଯାଏ ବାସ୍ତବିକ ଏବଂ ସ୍ଥାୟୀ ପରିବର୍ତନ ସମ୍ଭବ ନୁହେଁ । ଏଭଳି ଚେତାବନୀ ପୂଜ୍ୟ ଡ. ବାବାସାହେବ ଆମ୍ବେଦକର ଆମ ସମସ୍ତଙ୍କୁ ଦେଇଥିଲେ । ପରେ ଏହି କଥିତ ଉଦ୍ଦେଶ୍ୟକୁ ଧାନରେ ରଖି ଅନେକ ନିୟମ ଆଦି ତିଆରି କରାଗଲା । ହେଲେ ବିଷମତାର ମୂଳ, ମନ ଏବଂ ଆଚରଣରେ ରହିଛି । ବ୍ୟକ୍ତିଗତ ଏବଂ ପାରିବାରିକ ସ୍ତରରେ ମିତ୍ରତା, ଅନୌପଚାରିକ ଯିବା ଆସିବା ମାଧମରେ ସମ୍ବନ୍ଧ ସ୍ଥାପିତ ହୋଇ ନଥାଏ । ସାମାଜିକ ସ୍ତରରେ ମନ୍ଦିର, ଜଳାଶୟ, ଶ୍ମଶାନ ଆଦି ସମସ୍ତ ହିନ୍ଦୁଙ୍କ ପାଇଁ ଉପଲବ୍ଧ ନହେବା ଯାଏଁ ସମତାର କଥା କେବଳ ସ୍ୱପ୍ନ ହୋଇ ରହିଯିବ ।

ଯେଉଁ ପରିବର୍ତନ ଶାସନତନ୍ତ୍ର ଦ୍ୱାରା ଅଣାଯାଉଛି ତାକୁ ନେଇ ଆମେ ଆଶାକରୁଛୁ ଯେ, ଏହା ଆମ ଆଚରଣରେ ପରିଲକ୍ଷିତ ହେଲେ ପରିବର୍ତନର ପ୍ରକ୍ରିୟାକୁ ଗତି ଓ ଶକ୍ତି ମିଳିପାରିବ ଏବଂ ଏହା ସ୍ଥାୟୀ ହେବ । ଏଭଳି ନହେଲେ ପରିବର୍ତନର ପ୍ରକ୍ରିୟା ଅବରୁଦ୍ଧ ହୋଇପାରେ ଏବଂ ପରିବର୍ତନର ସ୍ଥାୟିତ୍ୱ ଆଡକୁ ବଢି ନପାରେ । ପରିବର୍ତନ ନିମନ୍ତେ ସମାଜରେ ଏକ ବିଶିଷ୍ଟ ମାନସିକତା ନିର୍ମାଣ କରିବା ହେଉଛି ଅନିବାର୍ଯ୍ୟ ପୂର୍ବ ସର୍ତ । ନିଜର ବିଚାର ପରମ୍ପରା ଉପରେ ଆଧାରିତ ଉପଭୋଗବାଦ ଏବଂ ଶୋଷଣମୁକ୍ତ ବିକାଶ ହାସଲ କରିବା ନିମନ୍ତେ ସମାଜ ତଥା ନିଜ ଜୀବନରୁ ଭୋଗ ଏବଂ ଶୋଷଣ ପ୍ରବୃତିର ମୂଳୋତ୍ପାଟନ କରିବାକୁ ହେବ ।

ଭାରତ ଭଳି ବିଶାଳ ଜନସଂଖ୍ୟା ସମ୍ପନ୍ନ ଦେଶର ଆର୍ଥିକ ଏବଂ ବିକାଶନୀତି ରୋଜଗାରମୁଖୀ ହେଉ ଏହା ହେଉଛି ସ୍ୱାଭାବିକ ଅପେକ୍ଷା । କିନ୍ତୁ ରୋଜଗାର ଅର୍ଥ କେବଳ ସରକାରୀ ଚାକିରୀ ନୁହେଁ ଏକଥା ସମାଜକୁ ବୁଝିବାକୁ ହେବ । କୌଣସି କାର୍ଯ୍ୟ ଛୋଟ ଅଥବା ଗୌଣ ହୋଇ ନଥାଏ । ଶାରୀରିକ ପରିଶ୍ରମ, ପୁଞ୍ଜିନିବେଶ ଏବଂ ବୌଦ୍ଧିକ ପରିଶ୍ରମ ଆଦି ସମସ୍ତଙ୍କର ମହତ୍ୱ ସମାନ ଅଟେ । ଏହିପରି ମାନ୍ୟତା ଦେବା ସହିତ ଅନୁରୁପ ଆଚରଣ ଆମ ସମସ୍ତଙ୍କୁ କରିବାକୁ ହେବ । ଉଦ୍ୟମିତା ଆଡକୁ ଅଗ୍ରସର ହେବା ନିମନ୍ତେ ପ୍ରୋତ୍ସାହନ ଦେବାକୁ ହେବ । ସରକାରଙ୍କ ଠାରୁ ଆଶା କରାଯାଏ ଯେ, ପ୍ରତ୍ୟେକ ଜିଲ୍ଲାରେ ରୋଜଗାର ପ୍ରଶିକ୍ଷଣକୁ ନେଇ ବିକେନ୍ଦ୍ରିତ ଯୋଜନା ତିଆରି କରାଯାଉ, ନିଜ ନିଜ ଜିଲ୍ଲାରେ ରୋଜଗାର ପ୍ରାପ୍ତ ହେବାଭଳି କାର୍ଯ୍ୟକ୍ରମ ଚଳାଯାଉ । ଗାଁ ମାନଙ୍କର ବିକାଶ କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟତ ଭଳି ସୁବିଧା ଦିଆଯାଉ । କିନ୍ତୁ କରୋନା କାଳରେ କାର୍ଯ୍ୟରତ ଅନେକ କାର୍ଯ୍ୟକର୍ତା ଅନୁଭବ କରିଛନ୍ତି ଯେ ସମାଜର ସଂଗଠିତ ବଳ ଅନେକ କିଛି କରିପାରେ । ସ୍ୱଦେଶୀ ଜାଗରଣ ମଂଚ ସହିତ ମିଶି ଆର୍ଥିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ, ଲଘୁ ଉଦ୍ୟୋଗୀ, ସାଧନସମ୍ପନ୍ନ ବ୍ୟକ୍ତିବିଶେଷ, କଳାକୌଶଳର ଅଧିକାରୀ, ପ୍ରଶିକ୍ଷକ, ସ୍ଥାନୀୟ ସ୍ୱୟଂସେବକମାନେ ପାଖାପାଖି ୨୭୫ ଜିଲ୍ଲାରେ ଏହି ପ୍ରୟୋଗ ଆରମ୍ଭ କରିଛନ୍ତି । ଏହି ପ୍ରାରମ୍ଭିକ ପ୍ରୟାସ ରୋଜଗାର ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି—ଏଭଳି ସୂଚନା ମିଳୁଛି । ରାଷ୍ଟ୍ର ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ସମାଜର ସହଭାଗୀତାର ବିଚାର ଶାସନ ପ୍ରଶାସନକୁ ନିଜ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ନୁହେଁ ବରଂ ରାଷ୍ଟ୍ରର ଉତ୍‌ଥାନରେ ସମାଜର ସହଭାଗୀତା ସ୍ୱୀକାର କରିବାର ଆବଶ୍ୟକତା ଏବଂ ଏଥିପାଇଁ ନୀତି ନିର୍ଦ୍ଧାରଣ କରିବା ଦିଗକୁ ଇଙ୍ଗିତ କରିଥାଏ । ଆମ ଦେଶର ଜନସଂଖ୍ୟା ବିଶାଳ, ଏହା ଏକ ବାସ୍ତବିକତା । ଜନସଂଖ୍ୟାର ବିଚାର ଆଜି କାଲି ଦୁଇ ପ୍ରକାର କରାଯାଏ । ଜନସଂଖ୍ୟା ନିମନ୍ତେ ସାଧନ, ସଂସାଧନ ଆବଶ୍ୟକ । ଯଦି ଏହା ନିରନ୍ତର ବଢିଚାଲେ, ତାହାହେଲେ ଅନେକ ପରିମାଣରେ ବୋଝ ବଢିଯିବ । ଏଥିପାଇଁ ଜନସଂଖ୍ୟା ନିୟନ୍ତ୍ରଣ କରିବା ବିଚାରଣୀୟ, ଏହା ଭାବି ଯୋଜନା ତିଆରି କରାଯାଏ । ବିଚାରର ଅନ୍ୟ ଏକ ବିନ୍ଦୁ ହେଲା ଜନସଂଖ୍ୟା ଏକ ନିଧି ବା ସଂପଦ । ଏହାର ଉଚିତ ପ୍ରଶିକ୍ଷଣ ଓ ଅଧିକତମ ଉପଯୋଗ କରାଯାଇ ପାରେ । ସଂପୂର୍ଣ୍ଣ ବିଶ୍ୱର ଜନସଂଖ୍ୟାକୁ ଦେଖିଲେ ଏ କଥା ବିଚାରକୁ ଆସେ ହେଲେ ଆମ ଦେଶକୁ ଦେଖିଲେ ଏ ବିଚାର ମଧ ବଦଳି ପାରେ । ଚୀନ ନିଜ ଜନସଂଖ୍ୟା ନିୟନ୍ତ୍ରିତ କରିବା ପାଇଁ ହୋଇଥିବା ନୀତିରେ ପରିବର୍ତନ କରି ବର୍ତମାନ ଜନସଂଖ୍ୟା ବୃଦ୍ଧିକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଛି । ଆମ ଦେଶର ହିତ ମଧ ଜନସଂଖ୍ୟା ସମ୍ପର୍କୀୟ ବିଚାରକୁ ପ୍ରଭାବିତ କରିଥାଏ । ଆଜି ଆମେ ହେଉଛୁ ବିଶ୍ୱର ସବୁଠୁଁ ଯୁବା ଦେଶ । ଆଗାମୀ ୫୦ ବର୍ଷ ପରେ ଆଜିର ତରୁଣ ପ୍ରୌଢ ହୋଇଯିବେ । ତେବେ ତାଙ୍କ ଦେଖାଶୁଣା କରିବା ନିମନ୍ତେ କେତେ ତରୁଣ ଆବଶ୍ୟକ ହେବେ ଏକଥା ମଧ ବିଚାର କରିବାକୁ ହେବ । ଦେଶର ଜନତା ନିଜର ପୁରୁଷାର୍ଥ ବଳରେ ଦେଶକୁ ବୈଭବଶାଳୀ କରିଥାଏ । ଏଥିସହ ସିଏ ନିଜ ଏବଂ ସମାଜର ଜୀବନ ଜୀବିକା ସୁରକ୍ଷିତ ମଧ କରିଥାଏ । ଜନତାଙ୍କ ଯୋଗକ୍ଷେମ ଏବଂ ରାଷ୍ଟ୍ରୀୟ ପରିଚୟ ଓ ସୁରକ୍ଷା ବ୍ୟତୀତ ଏ ବିଷୟ ଅନେକ ଗୁଡିଏ କଥା ବିଚାରକୁ ନେବାକୁ ହୋଇଥାଏ ।

ସନ୍ତାନ-ସନ୍ତତିଙ୍କ ସଂଖ୍ୟା ବିଷୟଟି ମାତାମାନଙ୍କ ସ୍ୱାସ୍ଥ୍ୟ, ଆର୍ଥିକ କ୍ଷମତା, ଶିକ୍ଷା ଓ ଇଛା ସହ ଜଡିତ । ଏହା ପ୍ରତ୍ୟେକ ପରିବାରର ଆବଶ୍ୟକତା ସହିତ ମଧ ଜଡିତ । ଜନସଂଖ୍ୟା ପରିବେଶକୁ ମଧ ପ୍ରଭାବିତ କରିଥାଏ ।

ସାରାଂଶରେ ଏତିକି କୁହାଯାଇପାରେ ଯେ, ଜନସଂଖ୍ୟା ନୀତି ଏ ସମସ୍ତ କଥାର ସମଗ୍ର ଓ ଏକାତ୍ମବୋଧକୁ ନେଇ ତିଆରି ହେଉ । ସମସ୍ତଙ୍କ ପାଇଁ ସମାନ ଭାବରେ ଲାଗୁ ହେଉ ଏବଂ ଏହାକୁ ପୂର୍ଣ୍ଣରୂପେ ପାଳନ ନିମନ୍ତେ ମାନସିକତା ତିଆରି କରିବାକୁ ହେବ, ତେବେ ଯାଇ ଜନସଂଖ୍ୟା ନିୟନ୍ତ୍ରଣନୀତି ଫଳପ୍ରଦ ହେବ ।

୨୦୦୦ ମସିହାରେ ଭାରତ ସରକାର ସମଗ୍ରତାକୁ ବିଚାର କରି ଏକ ଜନସଂଖ୍ୟା ନୀତି ନିର୍ଦ୍ଧାରଣ କରିଥିଲେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# କାର୍ତ୍ତିକ ମାସରେ ତୁଳସୀର ମାହାତ୍ମ୍ୟ

**ଭ**ଗବାନ ବିଷ୍ଣୁଙ୍କର ଅତି ପ୍ରିୟ ତୁଳସୀ । ତୁଳସୀ ପତ୍ର ବିନା ବିଷ୍ଣୁଙ୍କୁ ଭୋଗ ଅର୍ପଣ କରାଯାଏ ନାହିଁ । ସେଥିପାଇଁ ତ ତୁଳସୀଙ୍କ ନାମ ବୈଷ୍ଣବୀ, ବିଷ୍ଣୁ ବଲ୍ଲଭା, ହରିପ୍ରିୟା । ତୁଳସୀର ନାଁ ପୂର୍ବରୁ ଲାଗେ ଶ୍ରୀ ଯାହାକି ସୌଭାଗ୍ୟ, ଐଶ୍ୱର୍ଯ୍ୟର ପ୍ରତୀକ । ତୁଳସୀ ବୃକ୍ଷ ମୂଳରେ ଗଙ୍ଗା ଓ ଡାଳ ପତ୍ରରେ ଅନ୍ୟାନ୍ୟ ଦେବତାମାନେ ବାସ କରନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ତୁଳସୀ ଗଛ ମହାନ ହିନ୍ଦୁ ପରମ୍ପରାରେ ଏକ ଶକ୍ତିର ପ୍ରତୀକ ଅଟେ । ହିନ୍ଦୁ ଲୋକେ ଗାଧୋଇସାରି ତୁଳସୀ ଗଛମୂଳରେ ପାଣି ଢାଳି ତୁଳସୀ ପାଣି ପାଇ ନିଜକୁ କୃତାର୍ଥ ମନେ କରନ୍ତି । ଭାରତୀୟ ଧର୍ମ ଓ ସଂସ୍କୃତିରେ ତୁଳସୀ ବୃକ୍ଷକୁ ଏକ ଦେବଯୋଗ୍ୟ ମର୍ଯ୍ୟାଦା ଦିଆଯାଇଥାଏ । ପ୍ରାଚୀନ ଧାର୍ମିକ ପରମ୍ପରା ଅନୁସାରେ, ପ୍ରତ୍ୟେକ ହିନ୍ଦୁଙ୍କ ଘରେ ତୁଳସୀ ବୃକ୍ଷ ମସ୍ତକରେ ଧାରଣ କରିଥିବା ବୃନ୍ଦାବତୀ ଚଉଁରା ପୂଜା ହୋଇଥାଏ । ହିନ୍ଦୁ ନରନାରୀମାନେ ଏହି ତୁଳସୀ ବୃକ୍ଷକୁ ପବିତ୍ର ଓ ପୂଜ୍ୟ ମନେକରି ସ୍ୱାସ୍ଥ୍ୟ ଓ ସମୃଦ୍ଧି ମନେକରି କାମନାର ପରିତୃପ୍ତି ଉଦ୍ଦେଶ୍ୟରେ ଗୃହ ଅଗଣାରେ ଏହାକୁ ରୋପଣ କରି ସନ୍ଧ୍ୟାବେଳେ ଧୂପଦୀପ ଦେଇଥାଆନ୍ତି । କାର୍ତ୍ତିକ ମାସର ପ୍ରବୋଧିନି ଏକାଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ଭିତରେ ଅନୁଷ୍ଠିତ ହୁଏ ତୁଳସୀ ବିବାହ । ଅର୍ଥାତ୍ ଏହି ଦିନ ଭଗବାନ ବିଷ୍ଣୁଙ୍କ ସହ ତୁଳସୀ ବୃକ୍ଷର ବିବାହ ସମ୍ପନ୍ନ ହୁଏ । ତୁଳସୀର ଧାର୍ମିକ ଓ ଆଧାତ୍ମିକ ମହତ୍ତ୍ୱ ଯେତିକି ତାହା ଠାରୁ ଅଧିକ ଏହାର ଔଷଧୀୟ ଗୁଣ । ଆୟୁର୍ବେଦ ଔଷଧ ତିଆରିରେ ତୁଳସୀ ଏକ ମୁଖ୍ୟ ଉପାଦାନ । ତୁଳସୀ ଏକ ଗୁଳ୍ମ ଜାତୀୟ ଉଦ୍ଭିଦ । ଏହା ଭାରତରେ ସର୍ବତ୍ର ଦେଖିବାକୁ ମିଳେ । ଏହା ଭାରତୀୟ ଜନଜୀବନ ସହିତ ଅତି ପରିଚିତ । ଏହା ବିଭିନ୍ନ ପ୍ରକାରର ହୋଇଥିଲେ ବି ପତ୍ରର ରଙ୍ଗକୁ ନେଇ ଧଳା ଓ କଳା ଭେଦରେ ଦୁଇଟି ଜାତି ପ୍ରଧାନ ଅଟେ । ଶ୍ୱେତ ତୁଳସୀର ପତ୍ରଗୁଡ଼ିକ ହାଲୁକା ରଙ୍ଗର ଥାଏ । ଏହାକୁ କେହି କେହି 'ଗୌରୀ ତୁଳସୀ' ମଧ କହିଥାନ୍ତି, ଆଉ କୃଷ୍ଣ ତୁଳସୀ ପତ୍ରଗୁଡ଼ିକ ଗାଢ଼ କଳା । ଏହା ବ୍ୟତୀତ ବଣ ତୁଳସୀ ନାମକ ଆଉ ଏକ ଜାତି ରହିଅଛି । ସାରା ବିଶ୍ୱରେ ତୁଳସୀର ପ୍ରାୟ ଅନେକ ପ୍ରକାରର ପ୍ରଜାତି ଅଛି । ତେବେ ଓଡିଶାରେ ସାଧାରଣତଃ କଳା ତୁଳସୀ, ଗଙ୍ଗା ତୁଳସୀ, ଦୁର୍ଲଭା ତୁଳସୀ, ବଣ ତୁଳସୀ, ରାମ ତୁଳସୀ, ଶ୍ରୀ ତୁଳସୀ, ଶ୍ୟାମ ତୁଳସୀ, କଳା ତୁଳସୀ ଆଦି ଦେଖାଯାଏ । ଯେଉଁ ସ୍ଥାନରେ ତୁଳସୀ ଉଦ୍ୟାନ ରହିଥାଏ ତାକୁ ତୀର୍ଥସ୍ଥାନ ରୂପେ ମାନ୍ୟତା ମିଳେ । ତୁଳସୀ ମୂଳରେ ସମସ୍ତ ତୀର୍ଥ, ପତ୍ରରେ ଦେବତାଗଣ ବାସ କରନ୍ତି । ଏହା ମୂଳର ମାଟି ବି ପବିତ୍ର । ମସ୍ତକରେ ଏହାକୁ ଲଗାଇଲେ ମନରେ ସ୍ଥିରତା ଆସେ, ଏକାଗ୍ରତା ବଢ଼େ, ମନ ଶୁଦ୍ଧ ହୁଏ । ତୁଳସୀ



କେବଳ ଏକ ପବିତ୍ର କିମ୍ବା ଔଷଧୀୟ ଉଦ୍ଭିଦ ନୁହେଁ, ଏହାର ସକାରାତ୍ମକ ଶକ୍ତି ଘର ଏବଂ ପରିବାରରେ ସୁଖ ସମୃଦ୍ଧି ଆଣିଥାଏ । ଏହି କାରଣରୁ ପ୍ରାଚୀନ ଋଷିମୁନିମାନେ ତୁଳସୀ ଗଛର ପୂଜା କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ ତୁଳସୀ ଗଛର ଉପକାରିତା ସମ୍ବନ୍ଧରେ ବିଭିନ୍ନ ପୁସ୍ତକରେ ବର୍ଣ୍ଣନା କରାଯାଇଛି । ବାସ୍ତୁଶାସ୍ତ୍ର ଅନୁସାରେ, ତୁଳସୀ ଗଛ ଲଗାଇଲେ ନକାରାତ୍ମକ ଶକ୍ତି ଘରଠାରୁ ଦୂରେଇ ରହେ । ଆଉ ଘରେ ଶାନ୍ତିର ପରିବେଶ ସୃଷ୍ଟି ହୁଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, ଦକ୍ଷସାବର୍ଣ୍ଣିଙ୍କ ବଂଶଧର ଧର୍ମପରାୟଣ ରାଜା ଧର୍ମଧ୍ୱଜ ଓ ରାଣୀ ମାଧବୀଙ୍କ ଗର୍ଭରୁ ଲକ୍ଷ୍ମୀ ସ୍ୱରୂପିଣୀ ସର୍ବଗୁଣସମ୍ପନ୍ନା ପଦ୍ମିନୀ କନ୍ୟା 'ତୁଳସୀ' କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାରରେ ଶ୍ରୀକୃଷ୍ଣଙ୍କ ରାସସ୍ଥଳୀ ବୃନ୍ଦାବନରେ ଜନ୍ମଗ୍ରହଣ କରିଥିଲେ । ଗୋଲକ ବିହାରୀଙ୍କ ଅଷ୍ଟ ଗୋପପାର୍ଷଦ ମଧ୍ୟରୁ 'ସୁଦାମା' ଶ୍ରୀରାଧାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଶଙ୍ଖଚୂଡ ନାମକ ଦାନବ ରୂପେ ଜନ୍ମଗ୍ରହଣ କରିଥିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ତୁଳସୀ ସେହି ଶଙ୍ଖଚୂଡକୁ ବିବାହ କରିଥିଲେ । ବିଷ୍ଣୁ ଶଙ୍ଖଚୂଡକୁ ବଧ କରନ୍ତେ ପୂର୍ବଜନ୍ମର ବୃନ୍ଦାଙ୍କ ପରିବର୍ତ୍ତିତ ରୂପ ତୁଳସୀ ବିଷ୍ଣୁଙ୍କୁ ଶିଳାରୂପ ହେବାର ଅଭିଶାପ ଦେଇଥିଲେ । ମାୟାଧରଙ୍କ ନିର୍ଦ୍ଦେଶରେ ତୁଳସୀ ଦିବ୍ୟସ୍ୱରୂପ ଗ୍ରହଣ କରି ତପସ୍ୟାର ଫଳସ୍ୱରୂପ ଗୋଲକବିହାରୀଙ୍କ ସହ ବୈକୁଣ୍ଠରେ ଲକ୍ଷ୍ମୀଙ୍କ ସହ ବିଷ୍ଣୁପ୍ରିୟା ହୋଇ ରହିଲେ । ତୁଳସୀଙ୍କ ମରଶରୀର ଗଣ୍ଡକୀ ନଦୀ ହେଲା, କେଶରାଶିରୁ ତୁଳସୀ ବୃକ୍ଷ ସୃଷ୍ଟି ହେଲା ।

ବର୍ଷର ବାରମାସ ମଧ୍ୟରେ କାର୍ତ୍ତିକ ମାସର ମହତ୍ତ୍ୱ ବେଶୀ ଓ ଏହାକୁ ଧର୍ମ ମାସ ବୋଲି କୁହାଯାଏ । ଆଉ ଏହି ମାସରେ ତୁଳସୀର ମହତ୍ତ୍ୱ ବଢିଯାଇଥାଏ । ଓଡ଼ିଶାରେ ହବିଷ୍ୟାଳୀମାନେ ଏହି ମାସରେ ତୁଳସୀ ଚଉରା ପୂଜା କରନ୍ତି । ଆମ ହିନ୍ଦୁ ଶାସ୍ତ୍ର ଅନୁସାରେ, ତୁଳସୀମାଳାକୁ ଧାରଣ କରୁଥିବା ବ୍ୟକ୍ତିଙ୍କର ଭଗବାନ ବିଷ୍ଣୁ ତଥା ଶ୍ରୀଜଗନ୍ନାଥଙ୍କ ସହ ସିଧାସଳଖ ସଂଯୋଗ ରହେ ବୋଲି ବିଶ୍ୱାସ ରହିଅଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନାରେ ତୁଳସୀର ବ୍ୟବହାର ବହୁଳ ଭାବରେ ହୋଇଥାଏ । ସମସ୍ତ ପତ୍ର ପୁଷ୍ପ ଅପେକ୍ଷା ତୁଳସୀ ପତ୍ର ପ୍ରତି ଶ୍ରୀଜଗନ୍ନାଥଙ୍କର ଶ୍ରଦ୍ଧା ଅଧିକ ରହିଥାଏ । ତୁଳସୀ ଓ ଦୟଣାପ୍ରିୟ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ, ଆଉ ମହାପ୍ରସାଦରେ ବି ତୁଳସୀ । ତୁଳସୀ ପଡ଼ିଲେ ହିଁ ଭୋଗ ପାଲଟେ ମହାପ୍ରସାଦ । ମାନ୍ୟତା ଅଛିକି ଯାହା ଘରେ ପ୍ରତ୍ୟେକ ଦିନ ତୁଳସୀର ପୂଜା କରାଯାଏ ସେହି ଘରେ କେବେବି ଦାରିଦ୍ର୍ୟ ଏବଂ ଦୁର୍ଭାଗ୍ୟ ରୁହେ ନାହିଁ । ତୁଳସୀ ଗଛ ଘରେ ଥିବା ସମସ୍ତ ନକାରାତ୍ମକ ଦୋଷକୁ ଦୁର କରିବା ସହ ସକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ, ଯାହା ଦ୍ୱାରା ଘରେ ସୁଖ ଏବଂ ଶାନ୍ତି ଆସିଥାଏ ବୋଲି କୁହାଯାଏ ।

# ମହାଭାରତ ରଚନାରେ ବ୍ୟାସଦେବ ଓ ଗଣେଶଙ୍କ ଭୂମିକା

**ବ୍ୟା**ସଦେବ ଦୀର୍ଘ ସାଧନାକରି ମହାଭାରତ ଗ୍ରନ୍ଥର କଳ୍ପନା କରିଥିଲେ । ଏହି ପରିକଳ୍ପିତ ପୁସ୍ତକ ଏପରି ବିଶାଳ ଥିଲା ଯେ ଏହାର ରଚନା ଅତି କଷ୍ଟସାଧ ହେଲା । ବ୍ୟାସଦେବ ଚାହୁଁଥିଲେ ଯେ ଏପରି ଜଣେ ପଣ୍ଡିତ, ବୁଦ୍ଧିମାନ ଲୋକ ମିଳନ୍ତେ ଯାହାଙ୍କୁ ସେ ମହାଭାରତର କଥା ଡାକିଲେ ନିର୍ଭୁଲ ଭାବରେ ସେ ଲେଖାଯାଆନ୍ତେ । ଏଥିପାଇଁ ସେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ବ୍ୟାସଙ୍କଠାରୁ ସଂକ୍ଷେପରେ ମହାଭାରତର କଥା ଶୁଣି ଖୁବ୍ ଖୁସି ହୋଇଗଲେ ଓ ତାଙ୍କୁ ସାହାର୍ଯ୍ୟ କରିବା ପାଇଁ କହିଲେ, ବ୍ୟାସଦେବ ତୁମର ଏହି ଗ୍ରନ୍ଥକୁ ଲେଖିବା ପାଇଁ ସଂସାରରେ ଜଣେ ଅଛନ୍ତି । ସେ ହେଉଛନ୍ତି ଗଣେଶ । ତୁମେ ତାଙ୍କୁ ଅନୁରୋଧ କର, ସେ ତୁମର କଥା ରକ୍ଷା କରିବେ । ବ୍ୟାସ ଗଣେଶଙ୍କୁ ଭକ୍ତିପୂର୍ବକ ସ୍ମରଣ କଲେ । ଗଣେଶ ସମସ୍ତ ବିଘ୍ନ ଅସୁବିଧା ଦୂରକରି ଭକ୍ତର ମନୋବାଞ୍ଛା ପୂରଣ କରୁଥିବା ଯୋଗୁଁ ତାଙ୍କର ନାମ ହେଉଛି ବିଘ୍ନେଶ । ସେ ବ୍ୟାସଙ୍କ ଅନୁରୋଧ ରକ୍ଷା କରି ତାଙ୍କ ପାଖରେ ପହଞ୍ଚିଲେ । ବ୍ୟାସ କହିଲେ, ହେ ବିନାୟକ, ସଂସାରର କଲ୍ୟାଣ ପାଇଁ ମୁଁ ଏକ ବିଶାଳ ଗ୍ରନ୍ଥ ମହାଭାରତର ରଚନା କରିଛି । କିନ୍ତୁ ଏହି ଗ୍ରନ୍ଥ ଆପଣଙ୍କ ଛଡ଼ା ଅନ୍ୟ କେହି ନିର୍ଭୁଲ ଭାବରେ ଲେଖି ପାରିବେ ନାହିଁ । ମୋର ଅନୁରୋଧ, ଆପଣ ଏହାର ଲେଖକ ହୁଅନ୍ତୁ । ମୁଁ ଶ୍ଳୋକ ରଚନା କରି ବୋଲିଯିବି, ଆପଣ ଲେଖିଯିବେ । ଗଣେଶ କହିଲେ, 'ଠିକ୍ ଅଛି ବ୍ୟାସଦେବ, ତୁମର ମହାଭାରତର ଲେଖକ ହେବା ପାଇଁ ମୋର ଆପତ୍ତି ନାହିଁ । କିନ୍ତୁ ଏକ ସର୍ତ୍ତରେ ମୁଁ ଲେଖିବି । ଥରେ ଆରମ୍ଭ କଲେ ମୋର ଲେଖନୀ ମୁହୂର୍ତ୍ତକ ପାଇଁ ବନ୍ଦ ହେବ ନାହିଁ । ତୁମକୁ ଅନର୍ଗଳ ଡାକିବାକୁ ପଡ଼ିବ । ବ୍ୟାସ ଗଣେଶଙ୍କ କଥା ଶୁଣି ଅଳ୍ପ ହସି କହିଲେ, 'ଏହି ସର୍ତ୍ତରେ ମୁଁ ରାଜି, କିନ୍ତୁ ମୋର ଗୋଟିଏ ସର୍ତ୍ତ, ଆପଣ ଲେଖିଗଲା ବେଳେ ନ ବୁଝି କିଛି ଲେଖିବେ ନାହିଁ ।

ଏହାପରେ ମହାଭାରତ ଲେଖାଗଲା । ବ୍ୟାସ ଡାକିଗଲେ ମାତ୍ର ସେ ମଝିରେ ମଝିରେ ଏପରି କଷ୍ଟକ ଡାକିଦିଅନ୍ତି ଯେ ଗଣେଶଙ୍କୁ ମଧ ବୁଝିବାକୁ ସମୟ ଲାଗେ । ସେ ସମୟ ମଧ୍ୟରେ ବ୍ୟାସ ଅନ୍ୟ ଶ୍ଳୋକଗୁଡ଼ିକୁ ଚିନ୍ତା କରିନିଅନ୍ତି । ଏହିପରି କେତେକ କଠିନ ଶ୍ଳୋକ ମହାଭାରତରେ ଅଛି, ଯାହାର ଅର୍ଥ ଗୂଢ଼ ଏବଂ ବୁଝିବା କଷ୍ଟକର । ଏହିସବୁ ଶ୍ଳୋକକୁ ଗ୍ରନ୍ଥଗ୍ରନ୍ଥି କୁହାଯାଏ । ଅର୍ଥାତ୍ ଗ୍ରନ୍ଥର ଏସବୁ ଗ୍ରନ୍ଥି ବା ଗଣ୍ଠିକୁ ଫିଟାଇବା ସହଜ ନୁହେଁ ।

ମହାଭାରତ ଲେଖାଯିବା ପରେ ବ୍ୟାସଦେବ ନିଜର ପୁତ୍ର ଶୁକଦେବଙ୍କୁ ତାହା ଜଣାଇଲେ । ଶୁକ ଗନ୍ଧର୍ବମାନଙ୍କୁ ତାହା ଶୁଣାଇଲେ । ମନୁଷ୍ୟଙ୍କ ମଧ୍ୟରେ ମହାଭାରତର ପ୍ରଚାର ପାଇଁ ବ୍ୟାସ ତାଙ୍କ ଶିଷ୍ୟଙ୍କ ମଧ୍ୟରେ ପ୍ରଧାନ ବୈଶମ୍ପାୟନଙ୍କୁ ଶୁଣାଇ ତାଙ୍କୁ ଉପଦେଶ ଦେଲେ, 'ରାଜା ଜନମେଜୟ ଯେଉଁ ଯଜ୍ଞ କରୁଛନ୍ତି ସେଠାରେ ଏହାକୁ ପ୍ରଚାର କର ।' ମୁନି ଶମ୍ପାୟନ ରାଜା ପରୀକ୍ଷିତଙ୍କ ପୁତ୍ର ମହାରାଜା ଜନ୍ମେଜୟଙ୍କ ସର୍ପଯଜ୍ଞରେ ଉପସ୍ଥିତ ହୋଇ ତାଙ୍କୁ ଅତି ପବିତ୍ର ମହାଭାରତ କଥା ଶୁଣାଇଲେ । ସେଠାରେ ଉପସ୍ଥିତ ଥିଲେ ଉପଶ୍ରବା ନାମକ ଜଣେ ବିଦ୍ୱାନ୍ ଋଷି, ସେ ତାଙ୍କ ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖି ପାରିଲେ । ଉପଶ୍ରବା ସାରଥ କୁଳରେ ଜନ୍ମ ହୋଇଥିବାରୁ ତାଙ୍କୁ ସୌତି ବା ସୂତ ନାମକରେ ମଧ ଡ଼କାଯାଉଥିଲା । ସୂତ ଭାରତବର୍ଷର ବହୁ ତୀର୍ଥ, ବହୁ ରାଜ୍ୟ ଭ୍ରମଣକରି ନୈମିଷାରଣ୍ୟରେ ଉପସ୍ଥିତ ହେଲେ । ସେଠାରେ ଶୌନକ ଋଷିଙ୍କ ନେତୃତ୍ୱରେ ଏକ ମହାଯଜ୍ଞ ହେଉଥିଲା । ପ୍ରସିଦ୍ଧ ବାଗ୍ମୀ ଓ ପଣ୍ଡିତ ସୂତଙ୍କଠାରୁ କିଛି ଆଖ୍ୟାୟିକା ଶୁଣିବାପାଇଁ ଋଷିମାନେ ଆଗ୍ରହ ପ୍ରକାଶ କରିବାରୁ ସୂତ ବ୍ୟାସରଚିତ ମହାଭାରତ ବର୍ଣ୍ଣନା କଲେ । ଏଥିରେ ଅଛି କୁରୁବଂଶର ବିସ୍ତାର, ଗାନ୍ଧାରୀଙ୍କ ଧର୍ମଶୀଳତା, ବିଦୁରଙ୍କ ପ୍ରଜ୍ଞା, କୁନ୍ତୀଙ୍କର ଧୈର୍ଯ୍ୟ, ଦ୍ରୌପଦୀଙ୍କର ତେଜସ୍ୱତା, ପାଣ୍ଡବମାନଙ୍କର ସତ୍ୟନିଷ୍ଠା, କୃଷ୍ଣଙ୍କର ମାହାତ୍ମ୍ୟ ଏବଂ ଧୃତରାଷ୍ଟ୍ର – ପୁତ୍ରମାନଙ୍କର ଦୁରାଚାର । ମହାଭାରତରେ କୌରବ ଓ ପାଣ୍ଡବମାନଙ୍କୁ ଦୁଇଟି ବୃକ୍ଷ ସହିତ ତୁଳନା କରାଯାଇଛି । କ୍ରୋଧ ଓ ଅସୂୟାର ପ୍ରତୀକ ଗୋଟିଏ ବୃକ୍ଷ ହେଲା ଦୁର୍ଯ୍ୟୋଧନ ଯାହାର ଶାଖାପ୍ରଶାଖା ଶକୁନି, ସ୍କନ୍ଧ କର୍ଣ୍ଣ, ପୁଷ୍ପଫଳ ଦୁଃଶାସନ ଓ ବୃକ୍ଷର ମୂଳ ଅପରିଣାମଦର୍ଶୀ ଅନ୍ଧରାଜା ଧୃତରାଷ୍ଟ୍ର । ଅନ୍ୟ ଏକ ବୃକ୍ଷ ହେଲା ଧର୍ମ ଓ ସଦାଚାରର ପ୍ରତୀକ ଯୁଧିଷ୍ଠିର, ଯାହାର ସ୍କନ୍ଧ ଅର୍ଜୁନ, ଶାଖାପ୍ରଶାଖା ଭୀମସେନ, ପୁଷ୍ପ ଓ ଫଳ ନକୁଳ ଓ ସହଦେବ ଏବଂ କୃଷ୍ଣ ଏହାର ମୂଳ ସ୍ୱରୂପ । କୌରବ ଓ ପାଣ୍ଡବଙ୍କ ବିଷୟରେ ପ୍ରଧାନତଃ ଲେଖାଯାଇଥିଲେ ମଧ ବହୁ ମନୋଜ୍ଞ ଆଖ୍ୟାୟିକାରେ ମହାଭାରତ ପରିପୂର୍ଣ୍ଣ । ସେଥିପାଇଁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର ତୁଳନା ନାହିଁ ।

## ଆଜିର ଚିନ୍ତନ

**ଆ**ଚାର୍ଯ୍ୟ ଧର୍ମଘୋଷ ପରିଭ୍ରମଣରେ ଥା'ନ୍ତି । ଗ୍ରୀଷ୍ମଋତୁ ଶେଷ ହୋଇଗଲା । ବର୍ଷା ଚାରିମାସ ସନ୍ନ୍ୟାସୀମାନେ ପ୍ରାୟତଃ ଯାତ୍ରା ସ୍ଥଗିତ ରଖୁଥାନ୍ତି । ଯେଉଁ ଗ୍ରାମରେ ବର୍ଷାଋତୁ କାରଣରୁ ଧର୍ମଘୋଷ ଅଟକିଲେ ସେହି ଗ୍ରାମର ମୁରବି ଥିଲେ କ୍ଷୁଦ୍ରମତି ନାମକ ଜଣେ ତରୁଣ । ବର୍ଷା ଚାରିମାସ ତୁମ ଗ୍ରାମରେ ମୁଁ ଅବସ୍ଥାନ କରିବାକୁ ଚାହୁଁଛି । ଏଥିରେ କିଛି ଅସୁବିଧା ଅଛି କି - କ୍ଷୁଦ୍ରମତିକୁ ପଚାରିଥିଲେ ଆଚାର୍ଯ୍ୟ ଧର୍ମଘୋଷ । ମହାଶୟ ! ଆପଣଙ୍କ ଭଳି ଜଣେ ଯୋଗୀ, ତପସ୍ୱୀ ଆମ ଗ୍ରାମରେ ଅବସ୍ଥାନ କଲେ । ଏହାଠାରୁ ବଡ଼ ସୌଭାଗ୍ୟ ଆମର ଆଉ କ'ଣ ଅଛି । ଏହା ତ ଆମମାନଙ୍କ ପାଇଁ ଅତି ଆନନ୍ଦର ବିଷୟ । ହେଲେ ସଂକୋଚ ସହକାରେ ଆପଣଙ୍କୁ ଗୋଟିଏ କଥା କହିବାକୁ ବାଧ ହେଉଛି । ଆମ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଦସ୍ୟୁ ବୃତ୍ତି ମାଧମରେ ଜୀବନ ନିର୍ବାହ କରିଥାଉ । ଏହା ବ୍ୟତିରେକ ଆମମାନଙ୍କ ନିକଟରେ ପରିବାର ପ୍ରତିପୋଷଣ ନିମିତ୍ତ କୌଣସି ପନ୍ଥା ନାହିଁ । ଅନ୍ୟର ଧନସମ୍ପଦ ଲୁଟି ଆମେ ଜୀବନ ନିର୍ବାହ କରୁ । ଆପଣ ଏଠାରେ ଅବସ୍ଥାନ କରି ଯଦି ନିତି ଧର୍ମୋପଦେଶ ଦିଅନ୍ତି ତା'ହେଲେ ଗ୍ରାମବାସୀଙ୍କ ମଧ୍ୟରୁ କାହାରି କାହାରି ମତିଗତିରେ ପରିବର୍ତ୍ତନ ହୋଇପାରେ । ଆମକୁ କଥା ଦିଅନ୍ତୁ, ଏଠାରେ ରହିବା ସମୟତକ ଆମମାନଙ୍କୁ ଧର୍ମୋପଦେଶ ଦେବେ ନାହିଁ । ଏଇ ଗୋଟିଏ ମାତ୍ର ସର୍ତ୍ତ ରକ୍ଷାକରି ଆପଣ ସହର୍ଷ ଏଠାରେ ଚତୁର୍ମାସ୍ୟା ଅତିବାହିତ କରନ୍ତୁ । ଧର୍ମଘୋଷ କିଛି ସମୟ ଏହା ଉପରେ ଭାବିଥିଲେ । 'ଆପଦଧର୍ମ' ବିଚାରି ସ୍ୱୀକାର କରି ନେଇଥିଲେ ତରୁଣ ଦସ୍ୟୁ ସର୍ଦାରଙ୍କ ସର୍ତ୍ତକୁ । ସର୍ଦାର ସବୁ ଅନୁଚରମାନଙ୍କୁ ମଧ ସନ୍ନ୍ୟାସୀ ଧର୍ମୋପଦେଶ ନ ଦେବା କଥା ଜଣାଇ ଦେଇଥିଲେ । କୌଣସି ପ୍ରକାରେ ଚାରିମାସ ଅତିବାହିତ ହୋଇଗଲା । ଏଥର ସମୟ ଆସିଲା ଧର୍ମଘୋଷ ଗାଁ ଛାଡ଼ି ଯିବାର । ମନକୁ ଆସିଥିଲା ଏହି ଅଜ୍ଞାନମାନଙ୍କୁ ଅନ୍ତତଃ ଯିବା ସମୟରେ ସାମାନ୍ୟ ହେଉ ପଛକେ କିଛି ଶିକ୍ଷା ଦେଇ ସେମାନଙ୍କର ଉପକାର କରିବା ଉଚିତ । ଏହା ଭାବିଭାବି ଗ୍ରାମ ସୀମା ବାହାରକୁ ଯାଉଥାନ୍ତି ସନ୍ନ୍ୟାସୀ । ସାଥିରେ ଥାନ୍ତି ଦସ୍ୟୁ ସର୍ଦାର କ୍ଷୁଦ୍ରମତି । ଗ୍ରାମର ଶେଷସୀମା ଆସିଗଲା । ଏହି ସମୟରେ କ୍ଷୁଦ୍ରମତି କହିଥିଲେ- ପ୍ରଭୁ ! ପୁଣି କେବେ ସେବାର ଅବସର ଦେବାକୁ ଭୁଲିବେ ନାହିଁ । ଆମେ ଆପଣଙ୍କ ପ୍ରତୀକ୍ଷାରେ ରହିଲୁ । ଆଚାର୍ଯ୍ୟ ଏହା ଶୁଣି କହିଲେ- ଏବେ ତ ତୁମ ଗ୍ରାମ ସୀମା ମୁଁ ପାର ହୋଇଗଲିଣି । ଯଦି ତୁମେ କହିବ କିଛି ଉପଦେଶ ଦିଅନ୍ତି ।' କ୍ଷୁଦ୍ରମତି ଏହାକୁ ସ୍ୱୀକାର କରିଥିଲେ । ସନ୍ନ୍ୟାସୀ କହିଥିଲେ- ମନେରଖ, ଆଜିଠାରୁ ସୂର୍ଯ୍ୟାସ୍ତ ପରେ ତୁମେ କେବେ ବି କୌଣସିଠାରେ ଭୋଜନ କରିବ ନାହିଁ । ତରୁଣ ଦସ୍ୟୁସର୍ଦାର ଉପଦେଶ ସ୍ୱୀକାର କରି ଏହାକୁ ନିଜ ପାଇଁ ଅକାଟ୍ୟ ନିୟମ କରି ଦେଇଥିଲେ । ଦିନେ କ୍ଷୁଦ୍ରମତି ଏକ ବଡ଼ ଧରଣର ଡକାୟତି କରିବା ପରେ ଜଙ୍ଗଲରେ ବିଶ୍ରାମ ନେଇଥିଲେ । ଦୁଇ ନୂଆ ଦସ୍ୟୁ ସାଥିରେ ଥିଲେ ଭିନ୍ନ ସ୍ଥାନର । ସେମାନେ ଭୋଜନ ସାମଗ୍ରୀ ଓ ମଦିରାରେ ବିଷ ମିଶାଇ ଦେଇଥିଲେ ସମସ୍ତ ଡକାୟତି ଦ୍ରବ୍ୟ ନେବା ଉଦ୍ଦେଶ୍ୟରେ । ରାତି ହୋଇ ଯାଇଥିଲା । କ୍ଷୁଦ୍ରମତି ମଦର ପିଆଲା ହାତରେ ଧରି ଭୋଜନ ସାମଗ୍ରୀ ପ୍ରତି ଦୃଷ୍ଟି ପକାନ୍ତେ ପ୍ରତିଜ୍ଞା କଥା (ସନ୍ନ୍ୟାସୀଙ୍କୁ ଦେଇଥିବା କଥା) ମନେ ପଡ଼ିଗଲା । ମଦିରା ଓ ଭୋଜନ ସାମଗ୍ରୀ ଗ୍ରହଣ କରି ନ ଥିଲେ । ବିଷ ମିଶ୍ରିତ ଖାଦ୍ୟ, ମଦ ପିଇ କିଛି ସାଥୀ ମରିଯାଇଥିଲେ । କ୍ଷୁଦ୍ରମତି ଏହା ଗ୍ରହଣ ନ କରିବାରୁ ଷଡ଼ଯନ୍ତ୍ରକାରୀ ଦୁଇ ନୂଆ ଦସ୍ୟୁ ଭୟ ପାଇ ସେଠାରୁ ପଳାଇ ଯାଇଥିଲେ । କ୍ଷୁଦ୍ରମତିଙ୍କ ମନକୁ ଆସିଲା- ଯଦି ଗୋଟିଏ ମାତ୍ର ଉପଦେଶ ବାକ୍ୟ ଏଭଳି ଉପକାର (ଜୀବନରକ୍ଷା)ରେ ଆସିଲା, ତେବେ ଧର୍ମପରାୟଣ ଜୀବନ କାହିଁକି ବା ଅତିବାହିତ ନ କରିବି ? ବାସ୍ ! ଦସ୍ୟୁ ବୃତ୍ତି ପ୍ରତି ଘୃଣାଭାବ ଆସିଥିଲା । କ୍ଷୁଦ୍ରମତିଙ୍କ ପ୍ରେରଣାରେ ଗାଁର କାୟାକଳ୍ପ ବଦଳି ଯାଇଥିଲା ।

ସ୍ତ୍ରୀଜାର
ବର୍ଷ ୨୬, ସଂଖ୍ୟା- ୪୧, ୯ - ୧୫ ଅକ୍ଟୋବର ୨୦୨୨


# ଡାକ୍ତର ତିଆରିରେ ପଛୁଆ ଓଡ଼ିଶା

ଡାକ୍ତର ତିଆରିରେ ପଡୋଶୀ ରାଜ୍ୟଗୁଡିକ ଢେର ଆଗରେ ଥିବାବେଳେ ଓଡ଼ିଶା ଏକ୍ଷେତ୍ରରେ ପଛରେ ପଡିଛି । ଅନ୍ୟ ରାଜ୍ୟରେ ଭେଷଜ ମହାବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇବାରୁ ଅଧିକ ପିଲା ଡାକ୍ତରୀ ଶିକ୍ଷା ପାଇଛନ୍ତି । ଏମ୍‌ବିବିଏସ ସିଟ୍ ଦେଖୁଲେ ଓଡ଼ିଶା ବହୁ ପଛରେ, ତଥାପି ୨୦ବର୍ଷ ତଳେ ୩୦୦ ସିଟ ଥିବାବେଳେ ଶିକ୍ଷାବର୍ଷ ୨୦୨୨-୨୩ରେ ୧୪୫୦ ସିଟ୍‌ରେ ଛାତ୍ରଛାତ୍ରୀ ନାମଲେଖାଇବାକୁ ଯାଉଛନ୍ତି । ହେଲେ ରାଜ୍ୟରେ ଯେଉଁଭଳି ଭାବେ ଭେଷଜ ମହାବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇବା କଥା, ତାହା ଏ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ । ଫଳସ୍ୱରୂପ ପଡୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଡାକ୍ତର ତିଆରିରେ ବହୁ ପଛରେ ପଡ଼ିଯାଇଥିବା କୁହାଯାଉଛି ।

ଏଭଳି ପରିସ୍ଥିତିରେ ରାଜ୍ୟରେ ୫୭୪୯ ପ୍ରତିଶତ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟ ଚିକିତ୍ସା । ୪୨.୫୧ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଛି । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ ହେଉଛି । ଆଦିବାସୀ ଅଧ୍ୟୁଷିତ ଜିଲାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ନ କଲେ ଆଉ କିଛିଦିନ ପରେ ସେଗୁଡ଼ିକରେ ତାଲା ପଡ଼ିବ । ଡାକ୍ତର ଅଭାବ ଯୋଗୁଁ ଖାଲି ପଡିଥିବା ପଦବୀ ପୂରଣ ହୋଇ ପାରୁନାହିଁ । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି, ରାଜ୍ୟ ପାଇଁ ୮୬୨୪ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ୪୯୫୮ ଡାକ୍ତର କାର୍ଯ୍ୟରତ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ମହାବିଦ୍ୟାଳୟ ଯାଏ ୩୬୬୬ ଡାକ୍ତର ପଦବୀ ଖାଲି ପଡ଼ିଛି । ଯାହା କାର୍ଯ୍ୟରତ ଡାକ୍ତରଙ୍କ ହାର ୫୭.୪୯ ପ୍ରତିଶତ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ହାର ୪୨.୫୧ ପ୍ରତିଶତ । ସରକାରଙ୍କ ନିଯୁକ୍ତି ଅଭାବ ନା ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ପରୀକ୍ଷାରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅକୃତକାର୍ଯ୍ୟ ହାର ବୃଦ୍ଧି ଯୋଗୁଁ ଡାକ୍ତର ପଦବୀ ପୂରଣ ହୋଇପାରୁ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦେଶରେ ପ୍ରତି ୧୦୮୦ରେ ଜଣେ ଡାକ୍ତର ଥିବାବେଳେ ଓଡ଼ିଶାରେ ୨୦୦୦ ରୋଗୀରେ ୧ ଡାକ୍ତର ଅଛନ୍ତି । ଯାହାଫଳରେ ଡାକ୍ତରଖାନାଗୁଡିକରେ ପ୍ରତିଦିନ ଲମ୍ବାଧାଡ଼ି ଲାଗୁଛି ।

୨୦୦୦ ମସିହା ବେଳକୁ ରାଜ୍ୟରେ ମାତ୍ର ତିନୋଟି ଭେଷଜ ମହାବିଦ୍ୟାଳୟ ଥିଲା । କେନ୍ଦ୍ରୀୟ କୋଟାକୁ ମିଶାଇ ସାଢେ ୩ ଶହ ସିଟରେ ନାମଲେଖା ଯାଉଥିଲା । ଶିକ୍ଷାବର୍ଷ ୨୦୨୧-୨୨ରେ ୮ ସରକାରୀ ଭେଷଜ ମହାବିଦ୍ୟାଳୟରେ ୧୨୫୦ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ । ଚଳିତ ବର୍ଷ ସୁନ୍ଦରଗଡ଼ ଓ କେନ୍ଦୁଝର ଭେଷଜ ମହାବିଦ୍ୟାଳୟରେ ୧୦୦ ଲେଖାଏଁ ସିଟରେ ନାମଲେଖାଯିବ । ଏବର୍ଷ ୧୦ ସରକାରୀ ଭେଷଜ ମହାବିଦ୍ୟାଳୟର ୧୪୫୦ ସିଟ୍‌ରେ ଛାତ୍ରଛାତ୍ରୀ ଶିକ୍ଷା ପାଇବେ । ରାଜ୍ୟର ୪ଟି ଘରୋଇ ଭେଷଜ ମହାବିଦ୍ୟାଳୟରେ ୫୫୦ ଛାତ୍ରଛାତ୍ରୀ ପଢୁଛନ୍ତି । ସରକାରୀ ଏବଂ ଘରୋଇ ଭେଷଜ ମହାବିଦ୍ୟାଳୟକୁ ଦେଖିଲେ ୨ ହଜାର ଏମ୍‌ବିବିଏସ ସିଟ୍ ଛୁଇଁଲାଣି । ତଥାପି ପଡୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଆବଶ୍ୟକ ଡାକ୍ତର ତିଆରି କରିବାରେ ସଫଳ ହୋଇପାରି ନାହିଁ ।

ତାମିଲନାଡୁରେ ମୋଟ ୭୦ ମେଡିକାଲ କଲେଜ ଥିବାବେଳେ ୧୦ ହଜାର ୭୨୫ ସିଟ ଉପଲବ୍ଧ । ଏଥିରୁ ୩୮ ସରକାରୀ ଏବଂ ୩୨ ବେସରକାରୀ ମେଡିକାଲ କଲେଜ ରହିଛି । ଆନ୍ଧ୍ରପ୍ରଦେଶରେ ୩୧ ମେଡିକାଲ କଲେଜରୁ ୫ ହଜାର ୩୩୫ ଡାକ୍ତର ବାହାରୁଛନ୍ତି । ପଶ୍ଚିମବଙ୍ଗରେ ୩୭ ମେଡିକାଲ କଲେଜରୁ ବର୍ଷକୁ ୪ ହଜାର ୨୨୫ ଡାକ୍ତର ତିଆରି ହେଉଛନ୍ତି । ତେଲଙ୍ଗାନାରେ ୩୪ ମେଡିକାଲ କଲେଜରେ ୫ ହଜାର ୫୦ ସିଟ୍ ଥିବାବେଳେ ରାଜସ୍ଥାନରେ ୪ ହଜାର ୫, ମଧ୍ୟପ୍ରଦେଶରେ ୪ ହଜାର ୮୦, କେରଳରେ ୪ ହଜାର ୨୫୫, ଗୁଜରାଟରେ ୫ ହଜାର ୭ ଶହ, ଉତ୍ତରପ୍ରଦେଶରେ ୯ ହଜାର ୫୩, କର୍ଣ୍ଣାଟକରେ ୧୦ ହଜାର ୧୪୫ସିଟ ଏବଂ ମହାରାଷ୍ଟ୍ର ସରକାର ବର୍ଷକୁ ୯ ହଜାର ୮୯୫ଜଣ ଡାକ୍ତର ତିଆରି କରୁଛନ୍ତି । ପଡୋଶୀ ରାଜ୍ୟଗୁଡିକରେ ୨୫ରୁ ଊର୍ଦ୍ଧ୍ୱ ମେଡିକାଲ କଲେଜ ଖୋଲିଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ପଛରେ ପଡ଼ିଛି । ଦେଶରେ ୩୨୨ଟି ସରକାରୀ ମେଡିକାଲ କଲେଜ ଥିବାବେଳେ ଏଥିରେ ୪୮ ହଜାର ୧୨ ସିଟ ଉପଲବ୍ଧ । ୨୯୦ ବେସରକାରୀ ମେଡିକାଲ କଲେଜରେ ୪୩ ହଜାର ୯୧୫ ସିଟ ରହିଛି । ସରକାରୀ ଏବଂ ବେସରକାରୀ ମେଡିକାଲ । କଲେଜରେ ମୋଟ ୯୧ ହଜାର ୯୨୭ ସିଟରେ ଛାତ୍ରଛାତ୍ରୀ ଡାକ୍ତରୀ ଶିକ୍ଷାଦାନ ପାଇଛନ୍ତି । ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଓଡ଼ିଶାରେ ଆହୁରି ଅଧିକ ମେଡିକାଲ କଲେଜ ଖୋଲିବା ଦିଗରେ ସରକାର ଦୃଷ୍ଟି ଦେବା ଆବଶ୍ୟକ ।



# ତସ୍କରପଣ ବନାମ ଅହିଂସା

ମହାତ୍ମା ଗାନ୍ଧୀ

'ତସ୍କର' ଜାତିମାନଙ୍କୁ ନେଇ କ'ଣ କରିବାକୁ ହେବ, ଏବେ ଅଧିକାଂଶ ସମୟରେ ବ୍ୟବହୃତ ହେଉଥିବା ଶବ୍ଦଟିକୁ ବ୍ୟବହାର କରି ମୁଁ ପ୍ରଶ୍ନ କରିବି । ଆମେରିକାରେ ବ୍ୟକ୍ତିଗତ ତସ୍କରଗିରି ରହିଥିଲା । ସ୍ଥାନୀୟ ଓ ଜାତୀୟ ସ୍ତରରେ ପୋଲିସର କେତୋଟି କଠୋର ପଦପେକ୍ଷ ଫଳରେ ତାହାକୁ ଦମନ କରାଯାଇ ପାରିଛି । ବର୍ତ୍ତମାନ ଜାତି ଜାତି ସମ୍ପର୍କର କ୍ଷେତ୍ରରେ ଦେଖା ଯାଉଥିବା ତସ୍କରପଣ କ୍ଷେତ୍ରରେ ଆମେ ଅନୁରୂପ କିଛି କରି ପାରନ୍ତେ ନାହିଁ କି ? ଉଦାହରଣ ସ୍ୱରୂପ, ମାଞ୍ଚୁରିଆରେ ଯାହା ହେଉଛି ଅଫିମବିଷକୁ ଅତି ଜଘନ୍ୟଭାବରେ ବ୍ୟବହାର କରାଯାଉଛି । ଆବିସିନିଆରେ, ସ୍ପେନରେ, ଅଷ୍ଟ୍ରିଆକୁ ହଠାତ୍ ଦଖଲ କରିନେବାରେ ଏବଂ ତା'ପରେ ଚେକୋସ୍ଲୋଭାକିଆ ପ୍ରଭୃତି କ୍ଷେତ୍ରରେ ମଧ ତାହା ହିଁ ହୋଇଛି । ଯଦି ପୃଥିବୀର ସର୍ବୋତ୍ତମ ମାନସମାନେ ଅହିଂସା ଭାବଦ୍ୱାରା ପ୍ରେରିତ ହୋଇ ନଥିବେ, ତେବେ ସେମାନଙ୍କୁ ସେହି ପୁରୁଣା ରୀତିରେ ହିଁ ତସ୍କରମାନଙ୍କର ମୁକାବିଲା କରିବାକୁ ପଡ଼ିବ । ମାତ୍ର, ସେଥିରୁ କେବଳ ଏହି ପ୍ରମାଣ ମିଳିବ ଯେ, ଆମେ ଜଙ୍ଗଲର ବିଧାନ ମାନି ଚଳୁଥିବା ଅବସ୍ଥାର ପ୍ରକୃତରେ ଆଦୌ ଖୁବ୍ ଆଗକୁ ଯାଇ ପାରି ନାହୁଁ ଏବଂ ୧୯୦୦ ବର୍ଷର ପୁରୁଣା ଖ୍ରୀଷ୍ଟିଆନ୍ ଧର୍ମ ଓ ଆହୁରି ପୁରାତନ ହିନ୍ଦୁଧର୍ମ ଏବଂ ବୌଦ୍ଧଧର୍ମ ତଥା ଏପରିକି ଇସ୍‌ଲାମ୍ (ଯଦି ମୋ'ର ଗଣନା ଠିକ୍ ହୋଇଥାଏ) ଆଦିର ଶିକ୍ଷା ସତ୍ତ୍ୱେ ଆମେ ଆମକୁ ପରମେଶ୍ୱର ପ୍ରଦାନ କରିଥିବା ଐତିହ୍ୟଟିକୁ ବୁଝି ପାରିବା ଲାଗି ସମର୍ଥ ହୋଇ ନାହୁଁ ଓ ଜଣେ ଜଣେ ମନୁଷ୍ୟ ହିସାବରେ ଖୁବ୍ ବେଶୀ ଅଗ୍ରସର ହୋଇପାରି ନାହୁଁ । ମାତ୍ର, ଯେଉଁମାନଙ୍କ ଭିତରେ ଅହିଂସାର ଭାବଟି ପ୍ରବେଶ କରିନାହିଁ, ସେମାନେ ହିଂସାକୁ ଯେ ପ୍ରଣାଳୀରୂପେ ବ୍ୟବହାର କରିବେ, ସେହି କଥାଟିକୁ ବୁଝି ପାରୁଥିବା ସଙ୍ଗେ ସଙ୍ଗେ, ଯେଉଁମାନେ ଅହିଂସା କ'ଣ ବୋଲି ଜାଣନ୍ତି, ସେହି ଅହିଂସାଦ୍ୱାରା ହିଁ ତସ୍କରମାନଙ୍କର ମୁକାବିଲା କରିହେବ ବୋଲି ପ୍ରମାଣ କରି ଦେଖାଇ ଦେବାରେ ସେମାନେ ନିଜର ସମସ୍ତ ଶକ୍ତିକୁ କାମରେ ଲଗାନ୍ତୁ ବୋଲି ମୁଁ ଇଚ୍ଛା କରୁଛି । କାରଣ, ହିଟ୍‌ଲର ଏବଂ ମୁସୋଲିନିଙ୍କର ଶକ୍ତି ଆମକୁ ଯେଉଁ କର୍ଦ୍ଦମ ଭିତରେ ନେଇ ପକାଇ ଦେଇଛି, ଯେତେ ନ୍ୟାୟ ଦୁହି ଦେଇ ବ୍ୟବହୃତ ହେଉଥିଲେ ମଧ ବଳପ୍ରୟୋଗ ପରିଶେଷରେ ଆମକୁ ସେହି କର୍ଦ୍ଦମରେ ହିଁ ନେଇ ପକାଇଦେବ । ଏହି କ୍ଷେତ୍ରରେ କେବଳ ଏକ ମାତ୍ରାର ପାର୍ଥକ୍ୟ ରହିଥିବ । ଅହିଂସାରେ ଆସ୍ଥା ରଖିବା ତୁମକୁ, ମୋତେ ଏହି ସଂକଟମୟ ମୁହୂର୍ତ୍ତରେ ଏହାର ପ୍ରୟୋଗ କରିବାକୁ ହିଁ ପଡ଼ିବ । ବର୍ତ୍ତମାନ ଆମେ ସମସ୍ତେ ହୁଏତ ଏକ ଅନ୍ଧ ପ୍ରାଚୀର ଉପରେ ନିଜ ନିଜର ମୁଣ୍ଡଗୁଡ଼ିକୁ ନେଇ ପିଟୁଥିଲେ ମଧ, ତସ୍କରମାନଙ୍କର ହୃଦୟକୁ ସ୍ପର୍ଶ କରି ପାରିବାରେ ଆମକୁ ସମ୍ଭବତଃ ହତାଶ ହେବାକୁ ପଡ଼ିବ ନାହିଁ ।

ଅହିଂସାର ପରିପ୍ରେକ୍ଷୀରେ ପରିସ୍ଥିତିକୁ ପରୀକ୍ଷା କରି ଦେଖିଲେ ମୁଁ କହିବି ଯେ, ଚୀନ ପରି ଚାଳିଶ କୋଟି ମନୁଷ୍ୟଙ୍କର ଏଡ଼େବଡ଼ ସଂସ୍କୃତିସଂପନ୍ନ ଜାତି ପକ୍ଷରେ ସେହି ଜାପାନର ପ୍ରଣାଳୀଗୁଡ଼ିକୁ ଅନୁସରଣ କରି ଜାପାନୀ ଆକ୍ରମଣକୁ ପ୍ରତିହତ କରିବାଟା ଉପଯୁକ୍ତ ମନେ ହେଉନାହିଁ । ମୋ' କଳ୍ପନାର ଅହିଂସା ଯଦି ଚୀନାମାନଙ୍କ ପାଖରେ ଥାଆନ୍ତା, ତେବେ ଜାପାନ ପାଖରେ ଥିବା ଧ୍ୱଂସସାଧନର ଆଧୁନିକତମ ସାଧନଗୁଡ଼ିକର ପ୍ରୟୋଜନ ହୁଅନ୍ତା ନାହିଁ । ଚୀନାମାନେ ଯାଇ ଜାପାନକୁ କହନ୍ତେ । ତୁମର ଯେତେ ଯାହା ସମରସାଧନ ରହିଛି, ସବୁକିଛି ନେଇଆସ । ଆମେ ତୁମ ପାଖରେ ଆମ ଲୋକସଂଖ୍ୟାର ଅଧେ ଅଂଶକୁ ଆଣି ସମର୍ପଣ କରିଦେଉଛୁ । ମାତ୍ର, ବାକି ଯେଉଁ କୋଡ଼ିଏ କୋଟି ମଣିଷ ରହିଲେ, ସେମାନେ ତୁମପାଖରେ କଦାପି ନତଜାନୁ ହେବେନାହିଁ ।' ଯଦି ଚୀନାମାନେ ସେକଥା କରନ୍ତେ, ତେବେ ଜାପାନ ଚୀନ୍‌ର କ୍ରୀତଦାସରେ ପରିଣତ ହୋଇ ଯାଆନ୍ତା ।

ପୋଲାଣ୍ଡର ଅଧିବାସୀମାନଙ୍କ ତୁଳନାରେ ଜର୍ମାନ୍ ସୈନ୍ୟବାହିନୀ ସଂଖ୍ୟାରେ, ସାମରିକ ସାଧନ ତଥା ବଳରେ ବହୁଗୁଣରେ ଅଧିକ ଥିଲା ଏବଂ ସେମାନଙ୍କ ବିରୋଧରେ ପୋଲାଣ୍ଡବାସୀଙ୍କର ସାହସର ସହିତ ପ୍ରତିରୋଧ କରିବାକୁ ପ୍ରାୟ ଅହିଂସା ବୋଲି କୁହାଯାଇ ପାରିବ । ଏହି କଥାଟିକୁ ବାରମ୍ବାର କହିଲେ ମୁଁ ଆଦୌ ଦୁଃଖିତ ହେବନାହିଁ । ଏଠାରେ 'ପ୍ରାୟ' ଶବ୍ଦଟିକୁ ତାହାର ପୂର୍ଣ୍ଣମୂଲ୍ୟ ଦେଇ ବୁଝିବାକୁ ହେବ । ମାତ୍ର ଏଠାରେ ତ ଆମେ ୪୦୦ ନିୟୁତ ଲୋକ ବାସ କରୁଛୁ । ଯଦି ଆମକୁ ଏକ ବୃହତ୍ ସୈନ୍ୟବାହିନୀରେ ସଂଗଠିତ ହୋଇ ବିଦେଶୀ ଆକ୍ରମଣର ମୁକାବିଲା କରିବାକୁ ପ୍ରସ୍ତୁତ ହେବାକୁ ହୁଏ, ତେବେ ଆମେ କେଉଁ କଳ୍ପନାର ପ୍ରସାରଣ ଦ୍ୱାରା ନିଜକୁ ପ୍ରାୟ ଅହିଂସ ବୋଲି କହି ପାରିବା ? ଅହିଂସ ବୋଲି କହିବା ତ ଆହୁରି ଅଧିକ ଦୂରର କଥା । ଶତ୍ରୁ ଯେପରିଭାବରେ ଛଞ୍ଚାଣ ପରି ଆସି ସେମାନଙ୍କ ଉପରେ ଆକ୍ରମଣ କଲା, ପୋଲାଣ୍ଡବାସୀ ସେଥିସକାଶେ ଆଦୌ ପ୍ରସ୍ତୁତ ନ ଥିଲେ । ଯେତେବେଳେ ଆମେ ସଶସ୍ତ୍ର ପ୍ରସ୍ତୁତି ବିଷୟରେ କଥା କହୁ, ସେତେବେଳେ ଆମେ ନିଜର ଅଧିକ ସାମର୍ଥ୍ୟଯୁକ୍ତ ହିଂସା ସହିତ ଯେକୌଣସି ସହିଂସ ମେଣ୍ଟର ମୁକାବିଲା କରିବା ବିଷୟରେ ଚିନ୍ତା କରିଥାଉ । ଯଦି ଭାରତବର୍ଷ କେବେ ନିଜକୁ ସେହି ପ୍ରଣାଳୀରେ ପ୍ରସ୍ତୁତ କରିବ, ସେ ସେତେବେଳେ ବିଶ୍ୱଶାନ୍ତି ନିମନ୍ତେ ପ୍ରକୃତରେ ବୃହତ୍ତମ ସଂକଟରେ ପରିଣତ ହୋଇଯିବ । କାରଣ, ଯଦି ଆମେ ସେହି ମାର୍ଗଟିକୁ ଗ୍ରହଣ କରିବା, ତେବେ ଆମକୁ ଇଉରୋପୀୟ ଜାତିମାନଙ୍କ ପରି ଶୋଷଣର ମାର୍ଗଟିକୁ ମଧ ବାଛିନେବାକୁ ପଡ଼ିବ ।

# ଶ୍ରୀରାମଙ୍କ ଶିବଧନୁ ଭଙ୍ଗ

**ଜା**ନକୀଙ୍କୁ ପାଇବା ପାଇଁ ଶ୍ରେଷ୍ଠ ଶିବ ଧନୁରେ ଗୁଣ ଚଢ଼ାଇ ବୀରତ୍ୱର ପରୀକ୍ଷା ଦେବାକୁ ପଡ଼ିବ । ଏଥିରେ ସମସ୍ତ ଯୋଦ୍ଧାରାଜା ବିଫଳ ହୋଇଥିଲେ । ହେଲେ ଶ୍ରୀରାମଚନ୍ଦ୍ର ଧନୁରେ ଗୁଣ ଚଢ଼ାଇବା ପୂର୍ବକ ଭଙ୍ଗ କରି ଜାନକୀକୁ ପତ୍ନୀ ରୂପେ ଗ୍ରହଣ କରିଥିଲେ । ବିଶ୍ୱାମିତ୍ରଙ୍କ ସହ ରାମ ଲକ୍ଷ୍ମଣ ଜନକଙ୍କ ରାଜଧାନୀରେ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଆବାସ ଗୃହରେ ବାସକଲେ । ପରଦିନ ପ୍ରଭାତରେ ରାଜା ସେମାନଙ୍କୁ ଡକାଇଆଣି ବିଶ୍ୱାମିତ୍ରଙ୍କୁ କହିଲେ ମୁନିବର, ବର୍ତ୍ତମାନ ଆପଣଙ୍କ ପାଇଁ ମୋତେ କ'ଣ କରିବାକୁ ହେବ ଆଦେଶ ଦିଅନ୍ତୁ । ବିଶ୍ୱାମିତ୍ର କହିଲେ, ଆପଣଙ୍କ ପାଖରେ ଯେଉଁ ଶ୍ରେଷ୍ଠ ଶିବଧନୁ ଅଛି, ତାହା ଅଯୋଧାର ରାଜକୁମାରମାନେ ଦେଖିବାକୁ ଚାହାନ୍ତି । ଏହାକୁ ଦେଖିବା ପରେ ସଫଳକାମ ହୋଇ ସେମାନେ ଅଯୋଧା ଫେରିଯିବେ । ଜନକ ସେଥିରେ ରାଜି ହୋଇ ଶିବଧନୁ ସମ୍ପର୍କରେ ଯେଉଁ ଆଖ୍ୟାୟିକା ଅଛି, ତାହା ଶୁଣାଇଲେ । ଜନକ କହିଲେ, ପୂର୍ବକାଳରେ ଦକ୍ଷଯଜ୍ଞ ଭଙ୍ଗ କରିବା ସମୟରେ କ୍ରୁଦ୍ଧ ମହାଦେବ ଦେବତାଙ୍କୁ କହିଥିଲେ, ତୁମେମାନେ ସମସ୍ତେ ଯଜ୍ଞର ଭାଗ ଗ୍ରହଣ କରି ମୋତେ ମୋର ଭାଗ ଦେଇ ନାହିଁ । ଏହି ଧନୁରେ ଗୋଟି ଗୋଟି କରି ତୁମ ସମସ୍ତଙ୍କ ମସ୍ତକ ଛେଦନ କରିବି । ଏହା ଶୁଣି ଦେବତାମାନେ ଭୟରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କର ସ୍ତୁତିଗାନ କଲେ । ମହାଦେବ ସନ୍ତୁଷ୍ଟ ହୋଇ ସେମାନଙ୍କୁ ଏହି ଧନୁଟି ଦେଇଥିଲେ । ଦେବତାଙ୍କଠାରୁ ମୋର ପୂର୍ବପୁରୁଷଙ୍କ ପାଖକୁ ଏହି ଧନୁ ଆସିଥିଲା । ବଂଶାନୁକ୍ରମେ ଏହି ଧନୁ ପୂଜାପାଇ ଆସୁଛି । ଜନକ କହିଲେ, ଆଉଦିନେ ମୁଁ ଯଜ୍ଞଭୂମି କର୍ଷଣ କରୁଥିଲି, ଲଙ୍ଗଳ ସିଆରରୁ ଗୋଟିଏ କନ୍ୟାରତ୍ନ ଲାଭକଲି । ହଳ କରାଯିବା ସମୟରେ, ହଳ ଆଗରେ ଭୂମି ମଧରୁ ଏହି କନ୍ୟାଟି ଜାତ ହୋଇଥିବା ଯୋଗୁଁ ଏହାର ନାମ ମୁଁ ସୀତା ରଖିଥିଲି । ଏହି କନ୍ୟାକୁ ବୀରତ୍ୱର ପରୀକ୍ଷା ଦ୍ୱାରା ହିଁ ଏହି କନ୍ୟାକୁ ଲାଭ କରାଯାଇପାରେ । ବହୁ ରାଜା ଏବଂ ରାଜପୁତ୍ର ଏହି କନ୍ୟାର ପାଣିଗ୍ରହଣ କରିବାକୁ ମିଥିଳାକୁ ଆସିଛନ୍ତି ଓ ନିଜ ବଳର ପରୀକ୍ଷା ଦେବାକୁ ଯାଇଛନ୍ତି । ମୁଁ ସେମାନଙ୍କ ପାଇଁ ଯେଉଁ ଗୋଟିଏ ପରୀକ୍ଷା ରଖିଛି, ସେଥିରେ କେହି ସଫଳ ହୋଇ ନାହାନ୍ତି । ଏହି ପରୀକ୍ଷା ହେଉଛି, ଶିବଧନୁରେ ଯେ ଗୁଣ ଚଢ଼ାଇପାରିବ, ସେ ହିଁ ବଳର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମୋର କନ୍ୟାର ପାଣି ଗ୍ରହଣ କରିବ । ରାଜାମାନେ ବିଫଳ ହୋଇ କ୍ରୋଧରେ ଥରେ ଏକତ୍ର ମିଥିଳା ନଗରୀକୁ ଅବରୋଧ କରିଥିଲେ । କିନ୍ତୁ ଦେବତାମାନଙ୍କ ପ୍ରସାଦରୁ ମୋର ଚତୁରଙ୍ଗ ବଳ ସେମାନଙ୍କୁ ପରାସ୍ତ କରି ତଡ଼ି ଦେଇଥିଲେ । ଏବେ ରାମ ଲକ୍ଷ୍ମଣଙ୍କୁ ମୁଁ ସେ ଧନୁ ଦେଖାଇବି । ଯଦି ରାମ ଧନୁରେ ଗୁଣ ଚଢ଼ାଇପାରିବେ, ତେବେ ମୁଁ ମୋର ପରମକଲ୍ୟାଣୀୟ କନ୍ୟା ସୀତାଙ୍କୁ ତାଙ୍କ ହସ୍ତରେ ଅର୍ପଣ କରିବି । ଏହାପରେ ଜନକ ଗନ୍ଧମାଲ୍ୟ ଦ୍ୱାରା ପୂଜିତ ସେହି ବିଶାଳ ଧନୁକୁ ଆଣିବା ପାଇଁ ଅମାତ୍ୟମାନଙ୍କୁ ଆଦେଶ ଦେଲେ । ଆଠଟି ଚକ ବିଶିଷ୍ଟ ଏକ ବିଶାଳ ସିନ୍ଦୁକ ମଧରେ ଏହି ଧନୁକୁ ରଖାଯାଇଥିଲା ଏବଂ ପାଞ୍ଚହଜାର ହୃଷ୍ଟପୁଷ୍ଟ ଲୋକ କଷ୍ଟେମଷ୍ଟେ ସେହି ପେଡ଼ି ସହିତ ଧନୁକୁ ଟାଣି ଟାଣି ଆଣିଲେ । ଜନକ କହିଲେ, ଏହି ସେହି ଧନୁ ଯାହାକୁ ଦେବ, ଦାନବ, ଯକ୍ଷ, ରକ୍ଷ, ଗନ୍ଧର୍ବ, ଉରଗ କେହି ଏଥିରେ ଗୁଣ ଚଢ଼ାଇବା ଦୂରର କଥା, ଏହାକୁ ହଲାଇ ପାରି ନାହାନ୍ତି । ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କର ଅନୁମତି ନେଇ ସେହି ଧନୁରେ ହାତଦେଇ କହିଲେ ବ୍ରହ୍ମନ୍, ମୁଁ ଏହି ଦିବ୍ୟଧନୁକୁ ଉଠାଇ ଗୁଣ ଚଢ଼ାଇବାକୁ ଚେଷ୍ଟା କରୁଛି । ଏହା କହି କ୍ରୀଡ଼ା କରିବା ପରି ଧନୁକୁ ମଝିରୁ ଉଠାଇଆଣି ହଜାର ହଜାର ଲୋକଙ୍କ ସମ୍ମୁଖରେ ସେଥିରେ ଗୁଣ ଚଢ଼ାଇବା ପାଇଁ ବାହାରିଲେ । ଗୁଣ ଚଢ଼ାଇବାପାଇଁ ସେ ଧନୁକୁ ନୁଆଁଇ ଟାଣିବାବେଳେ ବଜ୍ରପାତ ପରି ଭୟଙ୍କର ଶବ୍ଦକରି ଧନୁ ଭାଙ୍ଗିଗଲା ଓ ଜନକ ହାତଯୋଡ଼ି ବିଶ୍ୱାମିତ୍ରଙ୍କୁ କହିଲେ- ମୁନିଶ୍ରେଷ୍ଠ, ମୋର ପ୍ରତିଜ୍ଞା ପୂର୍ତ୍ତି ହୋଇଛି । ପ୍ରାଣଠାରୁ ବଳି ଅଧିକ ମୋର କନ୍ୟା ସୀତାକୁ ମୁଁ ଦଶରଥଙ୍କ ପୁତ୍ର ରାମଙ୍କୁ ପ୍ରଦାନ କରିବି । ରାମଙ୍କୁ ସ୍ୱାମୀରୂପେ ପାଇ ମୋର କନ୍ୟା ମିଥିଳା ରାଜବଂଶର ଯଶକୀର୍ତ୍ତି ବଢ଼ାଇବ ।


# ସ୍ୱର୍ବେଦ

**ତୁରିୟା ଭୂମୀ କଓ୍ୱନ ହୈ, ତୁରିୟା କଓ୍ୱନ ଅତୀତ ।**
**କୈଓ୍ୱଲ୍ୟ ଭୂମୀ କଓ୍ୱନ ହୈ, ହଁସ କଓ୍ୱନ ଜଗ ଜୀତ ॥୪୨॥**

ଭାଷ୍ୟ - ତୁରୀୟ ଅବସ୍ଥା ତାହା ଅଟେ ଯେଉଁ କାଳରେ ଆତ୍ମା ପ୍ରକୃତିର ସମ୍ବନ୍ଧ ଛାଡ଼ିବାରେ ଲାଗେ ଆଉ ତୁରୀୟାତୀତ ସେହି ଅବସ୍ଥା ଅଟେ, ଯେଉଁ କାଳରେ ବ୍ରହ୍ମଙ୍କର ଆନନ୍ଦ ଗୁଣ ଜୀବକୁ ପ୍ରାପ୍ତ ହେବାରେ ଲାଗେ ଏବଂ ଦୁହିଙ୍କର ସମ୍ବନ୍ଧ ଯୁକ୍ତ ହେବାରେ ଲାଗେ । କୈବଲ୍ୟ ଅବସ୍ଥା ଶୁଦ୍ଧ ଆତ୍ମସତ୍ତାର ଅଟେ, ଯେଉଁଥିରେ ଜୀବର ଅହଂଭାବ ପ୍ରକଟ ହେବାରେ ଲାଗେ । ଏହି ଭୂମ ଆତ୍ମାର ନିଜ ସ୍ୱରୂପରେ ହିଁ ଥାଏ । ସେଠାରେ ପ୍ରକୃତି ତଥା ତାହାର ଗୁଣମାନଙ୍କ ସହିତ ସମ୍ବନ୍ଧ ନ ଥାଏ । ହଂସ ଆତ୍ମାର ଶୁଦ୍ଧସ୍ୱରୂପ ଅଟେ, ଯେଉଁ କାଳରେ ପ୍ରକୃତିର ନିତାନ୍ତ ଅଭାବ ରହିଥାଏ ଆଉ ଆତ୍ମା ବ୍ରହ୍ମାଧାରରେ ସ୍ଥିତ ହୋଇ ଚେତନ ପରମାନନ୍ଦଙ୍କୁ ଅବ୍ୟାହତ ଗତିରେ ଉପଭୋଗ କରିଥାଏ । ଏହାକୁ ଜୀବନ୍ମୁକ୍ତିରେ ବିଜ୍ଞାନ ଅଥବା ଆପ୍ତ ଅବସ୍ଥା କୁହାଯାଏ ।

**କଓ୍ୱନ ହଁସ ବ୍ୟଓ୍ୱପାର ହୈ, ଶୁଦ୍ଧ କରଣ ହୈ କୌନ ।**
**କୌନ ଆତ୍ମ ପରକାଶ ହୈ, ଶବ୍ଦ ତେଜ ହୈ କୌନ ॥୪୩॥**

ଭାଷ୍ୟ - ହଂସର ବ୍ୟାପାର କିଏ ? ହଂସ ଅବସ୍ଥାରେ ଆତ୍ମା ସ୍ୱଚ୍ଛନ୍ଦ ଗତିରେ ପରମାନନ୍ଦର ଉପଭୋଗ କରିଥାଏ । ଜଡ଼ ସମ୍ବନ୍ଧ ନ ହେବା ଯୋଗୁ ଚେତନତ୍ୱରୁ ନିଜ ପରମାନନ୍ଦକୁ ପ୍ରାପ୍ତକରି କୃତକୃତ୍ୟ ହୁଏ । ଶୁଦ୍ଧ କରଣ ତାହା ଅଟେ, ଯାହାଦ୍ୱାରା ଆତ୍ମା ପରମାନନ୍ଦ ପ୍ରାପ୍ତିର ସାଧନା କରିଥାଏ । ପ୍ରାକୃତ କରଣ ହେତୁ ପ୍ରଭୁ ପ୍ରାପ୍ତି ହୋଇ ନ ଥାଏ । ଆତ୍ମ-ପ୍ରକାଶରେ ପ୍ରକୃତିର ସମ୍ବନ୍ଧ ରହି ନ ଥାଏ । ସେହି ଅବସ୍ଥାରେ ଆତ୍ମା ଷୋଡ଼ଶ ସୂର୍ଯ୍ୟର ପ୍ରକାଶ ନିଜ ଭିତରେ ଅନୁଭବ




କରିଥାଏ । ଶବ୍ଦ ପ୍ରକାଶ, ଶାନ୍ତିମୟ, ଶୀତଳ ପ୍ରକାଶ ଅଟେ, ଯାହାର ପ୍ରାପ୍ତିରେ ଜୀବନ ମଧୁମୟ ହୋଇ ତୃପ୍ତ ହୋଇଯାଏ । ଏହା ସମାଧି, ଜୀବନ୍ମୁକ୍ତିର ଅବସ୍ଥା ଅଟେ ।

**କୌନ ମିଶ୍ର ପରକାଶ ହୈ, ଦୋ ମେଁ ଅନ୍ତର କୌନ ।**
**କୌନ ଜ୍ୟୋତି ମନ ରୂପ ହୈ, ଝିଲମିଲ ଜ୍ୟୋତି କୌନ ॥୪୪॥**

ଭାଷ୍ୟ - ଜୀବ ଆଉ ବ୍ରହ୍ମ ଦୁହେଁ ଭିନ୍ନ ଭିନ୍ନ ସତ୍ତା ଅଟନ୍ତି ଏବଂ କେହି କାହାର କାରଣ ଅଥବା କାର୍ଯ୍ୟ ନୁହନ୍ତି । ଦୁହିଙ୍କର ସଂଯୁକ୍ତ ପ୍ରକାଶକୁ ମିଶ୍ର ପ୍ରକାଶ କୁହାଯାଏ । ଯେତେବେଳେ ଚେତନା ନିଜ କେନ୍ଦ୍ରରେ ଶୁଦ୍ଧ ରୂପରେ ସ୍ଥିତ ହୋଇଯାଏ, ସେତେବେଳେ ଏକରୁ ଭିନ୍ନ ଅଣୁ ଆଉ ବିଭୁ ରୂପରେ ଦୁହି ସତ୍ତାର ଭିନ୍ନ ଭିନ୍ନ ଅନୁଭବ ହୋଇଥାଏ । ଏହା ଦୁହି ପ୍ରକାଶ ଭିତରେ ଥିବା ପାର୍ଥକ୍ୟ ଅଟେ । ଏହି ଯୋଗସିଦ୍ଧ ଅନୁଭବ ବିଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ, ଯେଉଁମାନେ ବିହଙ୍ଗମ ଯୋଗ ସମାଧି ରହସ୍ୟରେ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକୁ ପ୍ରାପ୍ତ କରିଛନ୍ତି । ଆଧ୍ୟାତ୍ମିକ ତତ୍ତ୍ୱ ଜ୍ଞାନ ଯୋଗ ଦ୍ୱାରା ହୋଇଥାଏ, ବାହାର ସାଧନା ଅଥବା ତର୍କ ବିତର୍କରୁ ନୁହେଁ । ବ୍ରହ୍ମାଣ୍ଡୀ ଜ୍ୟୋତି ମନର ଜ୍ୟୋତି ଅଟେ ଏବଂ ମନର ସ୍ୱରୂପ ଅଟେ । ବ୍ରହ୍ମ ରନ୍ଧ୍ରର ଜ୍ୟୋତିକୁ ଝଲମଲ ଅଥବା ଚକମକ ଜ୍ୟୋତି କହିଥାନ୍ତି ।

**ବନ୍ଧ ମୁକ୍ତି ସେ ଭିନ୍ନ ଓ୍ୱେ, ଶୁଦ୍ଧ ଲିଙ୍ଗ କ୍ୟା ଜୀଓ୍ୱ ।**
**ଔର ଶୁଦ୍ଧ ଐଶ୍ୱର୍ଯ୍ୟ କ୍ୟା, ତତ୍ତ୍ୱ ଜ୍ଞାନ ମନ ଶୀଓ୍ୱ ॥୪୫॥**

ଭାଷ୍ୟ - ବନ୍ଧନ ଆଉ ମୁକ୍ତିରୁ ଭିନ୍ନ ଶୁଦ୍ଧ ଆତ୍ମାର ଲକ୍ଷଣ କ'ଣ ଅଟେ ଆଉ ଶୁଦ୍ଧ ଐଶ୍ୱର୍ଯ୍ୟ କ'ଣ ଅଟେ ଏବଂ ତାହାର ଶୁଦ୍ଧ ସ୍ୱରୂପ କ'ଣ ?

**କୌନ ଭେଦ ହୈ ଓ୍ୱେଦ ମେଁ, ମରମୀ ଆର୍ଷ ପ୍ରୟୋଗ ।**
**ଉତ୍ତମ ଘାଟୀ ଓ୍ୱେଦ କୀ, ଓ୍ୱଦତ ସହଜ ଓ୍ୱର ଯୋଗ ॥୪୬॥**

ଭାଷ୍ୟ - ବେଦରେ କେଉଁ ଗୁପ୍ତ ରହସ୍ୟ ରହିଛି ଏବଂ ଭେଦିକ ଋଷିମାନଙ୍କର ଆଧ୍ୟାତ୍ମିକ ସଂକେତ କ'ଣ ଅଟେ ? ବେଦରେ ସହଜ ଯୋଗର ଉତ୍ତମ ଶ୍ରେଣୀ ବିଷୟରେ କୁହାଯାଇଛି । ଆଧ୍ୟାତ୍ମ ବିଦ୍ୟାର ଅନୁଭବ ଯୋଗ ରହସ୍ୟ ହିଁ ବେଦର ରହସ୍ୟ ଅଟେ ଏବଂ ଆଭ୍ୟନ୍ତର ଭେଦ ସାଧନର ଗୁପ୍ତ ସଂକେତ ବେଦରେ ହିଁ ଆଧ୍ୟାତ୍ମିକ ସାଂକେତିକ ରହସ୍ୟର ବର୍ଣ୍ଣନା ରହିଛି । ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କର ନିଜ ଆଧ୍ୟାତ୍ମିକ ରହସ୍ୟର ସଂକେତ ହିଁ ଆଧ୍ୟାତ୍ମିକ ସଂକେତ ଅଟେ ଯାହାକୁ ଅନୁଭବୀ ସନ୍ଥ ଅଥବା ପୂର୍ଣ୍ଣ ଯୋଗୀଶ୍ୱର ଜାଣନ୍ତି ।

**ଭେଦ ସମାଧିନ କଓ୍ୱନ ହୈ, ଲକ୍ଷଣ ପରମାନନ୍ଦ ।**
**କରଣ ଓ୍ୱିଭେଦ ଓ୍ୱିଓ୍ୱେକ ମେଁ, ଅନ୍ତର ଅନୁଗମ ଚନ୍ଦ ॥୪୭॥**

ଭାଷ୍ୟ - ସମାଧିମାନଙ୍କରେ କି ପ୍ରଭେଦ ଅଛି ? ପରମାନନ୍ଦର ଲକ୍ଷଣ କ'ଣ ଅଟେ ? ଜଡ଼ କରଣ ଆଉ ଚେତନ କରଣ ଦୁଇ ପ୍ରକାରର । ଜଡ଼ କରଣମାନଙ୍କ ଦ୍ୱାରା ପ୍ରକୃତିରେ ସମାଧି ହୋଇଥାଏ, ଯାହାକୁ ରାଜଯୋଗୀ କରିଥାନ୍ତି । ଚେତନ କରଣ ଆତ୍ମାର ଅଟେ, ଯାହା ଦ୍ୱାରା ସେ ବିହଙ୍ଗମ ଯୋଗ ସମାଧି ଦ୍ୱାରା ପରମାନନ୍ଦକୁ ପ୍ରାପ୍ତ କରିଥାଏ । ସହଜ ଆଉ ଅଖଣ୍ଡ - ଏ ଦୁଇ ସମାଧି ବିହଙ୍ଗମ ଯୋଗ ଦ୍ୱାରା ହୋଇଥାଏ । ସହଜ ସମାଧି ସର୍ବଦା ବିହଙ୍ଗମ ଯୋଗୀମାନଙ୍କର ରହିଥାଏ ଆଉ ଅଖଣ୍ଡ ସମାଧିରେ ଆମର ଚେଷ୍ଟା ପ୍ରକୃତି, ଅକ୍ଷର ଆଧାରରେ ପ୍ରଥମେ ନିଃଶବ୍ଦ, ପବିତ୍ର ଧାମରେ ସ୍ଥିତ ରହିଥାଏ, ବାହ୍ୟ ଆତ୍ମାର ସୁଧି ରହି ନ ଥାଏ । ଏକ ଆସନରେ ବସି ବିହଙ୍ଗମ ଯୋଗୀ ଚିରକାଳ ବ୍ରହ୍ମାନନ୍ଦରେ ନିମଗ୍ନ ରହିଥାଏ ।

**କ୍ୟା କାରଣ ହୈ ପ୍ରେମ କା, ଶୁଦ୍ଧ ପ୍ରେମ କ୍ୟା ଲିଙ୍ଗ ।**
**କ୍ୟା ଅଧାର ହୈ ପ୍ରେମ କା, କେନ୍ଦ୍ର ଧାମ କ୍ୟା ଶୃଙ୍ଗ ॥୪୮॥**

ଭାଷ୍ୟ - ପ୍ରେମର କାରଣ କ'ଣ ଅଟେ ? ଶୁଦ୍ଧ ପ୍ରେମର ଲକ୍ଷଣ କ'ଣ ଅଟେ ? ପ୍ରେମର ଆଧାର କ'ଣ ଅଟେ ? ପ୍ରେମର କେନ୍ଦ୍ର ଏବଂ ତାହାର ଅନ୍ତିମ ଲକ୍ଷ୍ୟ କ'ଣ ଅଟେ ? ଏସବୁ ପ୍ରଶ୍ନର ଉତ୍ତର ଭକ୍ତବତ୍ସଳ ଦୟାଳୁ ସୋମରସ ପ୍ରବାହୀ ସଦ୍‌ଗୁରୁ ଦ୍ୱାରା ଦୀନ ଅଧୀନ ଶରଣାଗତ ହୋଇ ଜାଣନ୍ତୁ ଏବଂ ତାଙ୍କ ଠାରୁ ପ୍ରେମ ପ୍ରସାଦ ପାଇ ଜୀବନକୁ ସଫଳ କରନ୍ତୁ ।

**ବୀଜ ରୂପ କ୍ୟା ପ୍ରେମ କା, ମଧ୍ୟ କଓ୍ୱନ ହୈ ରୂପ ।**
**ପୂରଣ ଓ୍ୱେ ଓ୍ୱିସ୍ତାର କ୍ୟା, ଫଲ ଗତି ଓ୍ୱିଓ୍ୱିଧ ଅନୂପ ॥୪୯॥**


ଭାଷ୍ୟ - ପ୍ରେମର ବୀଜ ରୂପ କ'ଣ ଅଟେ ଆଉ ତାହାର ମଧ୍ୟରେ କେଉଁ ରୂପ ଅଛି ? ତାହାର ପୂର୍ଣ୍ଣ ବିସ୍ତାର କ'ଣ ଯାହାର ଅନେକ ରୂପରେ ଅନୁପମ ଫଳ ପ୍ରାପ୍ତ ହୋଇଥାଏ ?

**ଜୋ ଆଚାର୍ଯ୍ୟ ଜଗ ଜୀଓ୍ୱ କୋ, ପ୍ରଭୁହିଁ ସମର୍ପଣ କୀହ୍ନ ।**
**ଭୂରି ଅପରମିତ ଲୋକ ଓ୍ୱେ, ସୋ ଅପନେ ଓ୍ୱଶ କୀହ୍ନ ॥୫୦॥**

ଭାଷ୍ୟ - ଯେଉଁ ଆଚାର୍ଯ୍ୟ ମୁମୁକ୍ଷୁ ଜୀବ ପରଂବ୍ରହ୍ମଙ୍କ ନିକଟରେ ସମର୍ପିତ ହୋଇଯାଏ, ସେ ଅନେକ ଲୋକ ଏବଂ ଲୋକାନ୍ତରର ସୁଖ ଭୋଗ କରି ସମସ୍ତଙ୍କୁ ନିଜ ବଶରେ ରଖିଥାଏ ।

# ରାଧା - ଭଗବତପ୍ରାପ୍ତିର ଶ୍ରେଷ୍ଠ ମାଧ୍ୟମ

ରାଧା । ମାଧୁର୍ଯ୍ୟରେ ଭରା ନାମ । ସମର୍ପଣର ପ୍ରତୀକ ଏଇ ନାମ । ସମର୍ପଣ ପରାତ୍ପର କୃଷ୍ଣଙ୍କ ପ୍ରତି । ଯୁଗେ ଯୁଗେ ଶାଶ୍ୱତ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି ରାଧା ପ୍ରୀତିକୁ । ଯେଉଁ ପ୍ରୀତିରେ ପାଇବାର ଲେଶମାତ୍ର ଆଶା ନଥାଏ ବରଂ ପ୍ରେମାସ୍ପଦକୁ କେବଳ ଦେବାର ଆନନ୍ଦରେ ଅଧୀରତା ଥାଏ । ଏହାକୁ ମଧ ଆଧାତ୍ମିକ ସାଧନାର ଚରମ ଅବସ୍ଥା ବୋଲି ସାଧୁସନ୍ଥମାନେ ଦର୍ଶାଇଛନ୍ତି, ସେମାନଙ୍କ ରଚିତ ବିଭିନ୍ନ ଶାସ୍ତ୍ର ପୁରାଣ ଧର୍ମଗ୍ରନ୍ଥରେ । ରାଧା ପ୍ରେମ ଏପରି ଶାଶ୍ୱତ ନିସ୍ୱାର୍ଥପର ଯେ ସେଠାରେ ପ୍ରେମାସ୍ପଦକୁ ପାଇବାର ଆଶା ମଧ ବିଲୀନ ହୋଇଯାଇଛି । କେବଳ ଶୁଦ୍ଧ ପ୍ରେମ । ଦେହ, ପ୍ରାଣ, ମନ, ହୃଦୟ ଏବଂ ଆତ୍ମା ପ୍ରତିଟି ସ୍ତରରେ କେବଳ ପରିପୂର୍ଣ୍ଣ ସମର୍ପଣର ଭାବ । ଏହି ପରମ ଅବସ୍ଥାଟିରେ ଭକ୍ତ-ଭଗବାନ ମଧରେ କିଛି ପାର୍ଥକ୍ୟ ରହେ ନାହିଁ ବୋଲି କୁହାଯାଇଛି ।



ବୋଧହୁଏ ଏଇଥି ପାଇଁ ରାଧା ଏବଂ କୃଷ୍ଣ ଏକ ଏବଂ ଅଭିନ୍ନ ବୋଲି ଦର୍ଶାଯାଇଛନ୍ତି ଅନେକ ଭକ୍ତ ଶ୍ରେଷ୍ଠ । ଏଯୁଗର ଅନ୍ୟତମ ଶ୍ରେଷ୍ଠ ମହାପୁରୁଷ ଅଚ୍ୟୁତାନନ୍ଦ ବେଦାନ୍ତସାର ଗୁପ୍ତଗୀତାରେ ଉଲ୍ଲେଖ କରିଛନ୍ତି – 'ପ୍ରକୃତି ପୁରୁଷ ଅଭିନ୍ନ । ଶ୍ରୀରାଧାକୃଷ୍ଣ ବେନି ଜନ କରନ୍ତି ନିତ୍ୟ ମହାରାସ । ସେ ବେନି ପ୍ରକୃତିପୁରୁଷ ।'

ପୁଣି କୁହାଯାଇଛି ଯେ, ରାଧା ହେଉଛନ୍ତି ପରମପ୍ରେମମୟ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆହ୍ଲାଦିନୀ ଶକ୍ତି । ସେଇ ଶକ୍ତିର ସଂସ୍ପର୍ଶରେ ଆସି କୃଷ୍ଣ ଧରୁଥିବା ଖଣ୍ଡେ ବାଉଁଶରୁ ଝରି ପଡୁଥିଲା ଦିବ୍ୟବଂଶୀର ମଧୁର ମୂର୍ଚ୍ଛନା । ଯେଉଁ ମୂର୍ଚ୍ଛନାରେ କେବଳ ଗୋପୀ ନୁହନ୍ତି, ସମଗ୍ର ଗୋପପୁରବାସୀ ଆନନ୍ଦରେ ଅଧୀର ହୋଇ ଯାଉଥିଲେ । କେବଳ ମଣିଷ ନୁହନ୍ତି, ବୃକ୍ଷଲତା, ଗୋରୁଗାଈ ଅନ୍ୟାନ୍ୟ ଜୀବଜନ୍ତୁ ସମସ୍ତେ ହତଚକିତ ହୋଇ ଉଲ୍ଲସିତ ହେଉଥିଲେ ଶ୍ରୀକୃଷ୍ଣଙ୍କ ମଧୁର ବଂଶୀସ୍ୱନ ଶୁଣି । କୃଷ୍ଣ ଗୋପପୁର ଛାଡ଼ି ମଥୁରା ଗମନ କରିବା ସମୟରେ ତାଙ୍କର ବଂଶୀଟିକୁ ପ୍ରେମମୟୀ ରାଧାଙ୍କୁ ଅର୍ପଣ କରିଦେଇ ଯାଇଥିଲେ । ସେବେଠାରୁ ସେ ଆଉ ବଂଶୀବାଦନ କରିଥିବାର କେଉଁ ଶାସ୍ତ୍ରପୁରାଣରେ ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ବୈଷ୍ଣବମାନେ ବିଶ୍ୱାସ କରନ୍ତିଯେ, ପରମାତ୍ମାଙ୍କ ସହ ମିଳନ ଲାଗି ନିଜକୁ ରାଧା ହେବାକୁ ପଡ଼ିବ । ଅର୍ଥାତ ରାଧାଭାବରେ ପ୍ଲାବିତ ହେବାକୁ ପଡ଼ିବ । ପୁଣି କୃଷ୍ଣ ପ୍ରାପ୍ତି ଲାଗି ସେଇ ରାଧାଙ୍କୁ ଭଜିବାକୁ ପଡ଼ିବ । ରାଧା, ଯାହାଙ୍କୁ ସକଳ ଶକ୍ତିର ଆଧାର ଭାବେ ମଧ କେତେକ ପୁରାଣରେ ବର୍ଣ୍ଣିତ କରାଯାଇଛି, ତାଙ୍କ କୃପା ବିନା କୃଷ୍ଣ ପ୍ରାପ୍ତି ଅସମ୍ଭବ । ଏଣୁ ପ୍ରଥମେ ଆସେ ରାଧାଙ୍କ ନାମ ତା'ପରେ କୃଷ୍ଣ । କୃଷ୍ଣଭକ୍ତଙ୍କ ପାଇଁ ଭଗବତ୍ ପ୍ରାପ୍ତି ମହାମନ୍ତ୍ର ହେଉଛି ରାଧେ.. ରାଧେ.. ।

# କ୍ଷୀର ପିଅନ୍ତୁ, ଦାନ୍ତ ମଜବୁତ ହେବ

**ଗୁ**ଜୁରାଟରେ ଥିବା 'ଗୁଜରାଟ ଫ୍ଲୋରେନ୍ସକ୍ ସାଇନ୍ସ ୟୁନିଭରସିଟି' ପ୍ରକାଶ କରିଛି ଯେ, କ୍ଷୀର ପିଇଲେ ଦାନ୍ତ ମଜବୁତ ରହିଥାଏ । ସେଥିପାଇଁ ଏହି ବିଶ୍ୱବିଦ୍ୟାଳୟ ଏକ ପରୀକ୍ଷଣ ମଧ କରିଛି । ଏହି ପରୀକ୍ଷାରେ ମୂଳ ଉଦ୍ଦେଶ୍ୟ ଥିଲା, ରାଜ୍ୟରେ ଥିବା ଲୋକଙ୍କ ପ୍ରତ୍ୟେକ ଦିନର ଡାଏଟ୍ କାରଣରୁ ସେମାନଙ୍କ ଦାନ୍ତ



ଉପରେ କିପରି ପ୍ରଭାବ ପଡୁଛି । ଦେଶରୁ ବିଭିନ୍ନ ପ୍ରାନ୍ତରୁ ବହୁ ଲୋକ ଏହି ପରୀକ୍ଷାରେ ସାମିଲ ହୋଇଥିଲେ । ବିଶେଷ କରି ଗୁଜରାଟ ଲୋକଙ୍କ ଦାନ୍ତ ସବୁଠାରୁ ମଜବୁତ ଦେଖା ଯାଇଥିଲା । ଦ୍ୱିତୀୟରେ କେରଳ ଲୋକଙ୍କର ଦାନ୍ତ ମଜବୁତ ଥିଲା । ଗୁଜୁରାଟ ଲୋକଙ୍କ ଦାନ୍ତ ୮୨ ପ୍ରତିଶତ ଶକ୍ତ ଥିଲା ବେଳେ କେରଳୀମାନଙ୍କର ଦାନ୍ତ ୮୦ ପ୍ରତିଶତ ଶକ୍ତ ଥିଲା । ଏହାପଛର କାରଣ ହେଉଛି କ୍ଷୀର । ଗୁଜରାଟ ଲୋକ ବିଶେଷ କରି କ୍ଷୀର, ଶ୍ରୀଖଣ୍ଡ, ଦହି ଏବଂ ଛାସ୍ ଆଦି କ୍ଷୀର ଜାତୀୟ ଖାଦ୍ୟ ଖାଇବାକୁ ବହୁତ ପସନ୍ଦ କରିଥାନ୍ତି । ଫଳରେ କ୍ଷୀରରୁ ମିଳୁଥିବା କ୍ୟାଲସିୟମ ଦାନ୍ତକୁ ମଜବୁତ୍ କରାଇଥାଏ । ଏହି ପରିପ୍ରେକ୍ଷୀରେ ସାମିଲ୍ ଥିବା ଗବେଷକ ଡା.ଅଭିନବ ରାଜଙ୍କ ମତରେ ଦାନ୍ତ ମାଧମରୁ ମନୁଷ୍ୟର ବହୁ ତଥ୍ୟ ମିଳିଥାଏ । ଯେପରି ପନିପରିବା ଖାଉଥିବା ବ୍ୟକ୍ତିଙ୍କ ଦାନ୍ତରେ ଜିଙ୍କ୍ ଏବଂ ଫସଫରସ ମାତ୍ରା କମ୍ ଦେଖାଯାଏ । ଯାହା ଫଳରେ ଦାନ୍ତ ଶୀଘ୍ର ନଷ୍ଟ ହୋଇଥାଏ । ସେହିପରି ଆମିଷ ଖାଉଥିବା ବ୍ୟକ୍ତିଙ୍କ ଦାନ୍ତରେ ଏହା ପରିମାଣ ଅଧିକ ଦେଖାଯାଇଥାଏ ।

## ଟିକିଏ ହସନ୍ତୁ

ପପୁ: ବାପା, ମୁଁ ପୁଣି ଥରେ ଫେଲ ହୋଇଗଲି ।
ବାପା: ଚିନ୍ତା କରନି ପୁଅ ତୁ ସିଂହର ଛୁଆ । ଏଥିରେ ଡରିବାର ନାହିଁ ।
ପପୁ: ସାର୍ ଠିକ୍ କଥା କହୁଥିଲେ । ସାର କହୁଥିଲେ ତୁ ମଣିଷ ନା ପଶୁ ଛୁଆ କେଜାଣି ?

× × ×

ଝିଅ: ବାପା ମତେ କଲେଜରେ ଗୋଟେ ବଦମାସ ସବୁବେଳେ ହଇରାଣ କରୁଛି ।
ବାପା: ତୁ କହ କି ସଜା ଦେବା ତାକୁ ?
ଝିଅ: ବାପା ତା' ସହିତ ମୋ ବାହାଘର କରିଦିଅ ।
ବାପା: ବାଃ ଝିଅ ତୁ ତ ଏକଦମ ତୋ ମା' ପରି ।

× × × ×



ଲିଟୁ ତା' ବାପାଙ୍କ ଗାଲକୁ ଏକ ଚାପୁଡ଼ା ମାରିଲା ।
ପଡୋଶୀ: ଆରେ, ତୁମ ପୁଅ ତୁମକୁ ହାତ ଉଠାଉଛି ।
ବାପା: କ'ଣ କରିବି... ସେ ଗଧ ତା' ମା'ର ଗୁଣ ଆଣିଛି ପରା ।
ପଡୋଶୀ ତାଟକା ହୋଇ ଚାହିଁଛନ୍ତି ।

× × × × × ×

ଚିଣ୍ଟୁ ଚଷମା ଦୋକାନକୁ ଯାଇ : ଅଙ୍କଲ, ଗୋଟେ ବେଶି ପାଓ୍ୱାରବାଲା ଚଷମା ଦେବ ।
ଦୋକାନୀ: ପ୍ରଥମେ କୁହ କାହା ପାଇଁ ଚଷମା ନେବ ?
ଚିଣ୍ଟୁ: ଆମ ସାର୍‌ଙ୍କ ପାଇଁ ।
ଦୋକାନୀ: ସାର୍‌ଙ୍କର କ'ଣ ଆଖି ଖରାପ ? ଚିଣ୍ଟୁ: ହଁ ।
ଦୋକାନୀ: ତା' ହେଲେ ତାଙ୍କୁ ଦୋକାନକୁ ଆଣ । ତାଙ୍କ ପାଓ୍ୱାର ଚେକ୍ କରିବା ।
ଚିଣ୍ଟୁ: ଚେକ୍ କରିବା ଦରକାର ନାହିଁ ।
ତାଙ୍କ ଆଖି ବହୁତ ଖରାପ ନ ହେଲେ ତାଙ୍କୁ ମୁଁ ସବୁବେଳେ ଗଧ ଭଳି କାହିଁକି ଦେଖାଯାଉଛି ?

× × × × × ×

ଶିକ୍ଷକ : କ୍ଲାସ୍ ସରିଲା ପରେ ଯାହାର ଯାହା ପ୍ରଶ୍ନ ଅଛି ପଚାରି ପାରିବ ।
କ୍ଲାସ୍ ସରିବା ପରେ ଚିଣ୍ଟୁ: ସାର୍, ମୁଁ ଗୋଟେ ପ୍ରଶ୍ନ ପଚାରିବି ।
ଶିକ୍ଷକ : ହଁ, ପଚାରେ ।
ପିଣ୍ଟୁ: ଆଜି ସୀମା ସ୍କୁଲ କାହିଁକି ଆସିଲାନି ?

× × × × × ×

ଶିକ୍ଷକଙ୍କୁ ବହୁତ ଭୋକ ଲାଗିବାରୁ ସେ ରାଜୁର ଟିଫିନ୍ ଖାଇଦେଲେ ।
ଶିକ୍ଷକ : ତୁ ଘରେ କହିବୁନି ଯେ, ମୁଁ ଖାଇ ଦେଇଛି ବୋଲି ।
ରାଜୁ: ହଉ ସାର୍ ।
ମତେ କିଏ ପଚାରିଲେ କହିବି କୁକୁର ଖାଇଦେଲା ।

# ମୂଳାର ଉପକାରିତା

ମୂଳା ସାଧାରଣତଃ ଏକ ଶୀତ ଦିନିଆ ପରିବା । ମୂଳା ମାଟି ତଳେ ଫଳିଥାଏ ଓ ଏହାର ଉପର ଅଂଶ ମୋଟା ହୋଇଥିବା ବେଳେ କ୍ରମଶଃ ତଳଆଡ଼କୁ ପତଳା ଚେର ରହିଥାଏ । ବିଭିନ୍ନ ପ୍ରକାରର ଓ ବିଭିନ୍ନ ରଙ୍ଗର ମୂଳା ମିଳେ । ମୂଳାର ପତ୍ର ଉପରକୁ ଦେଖାଯାଇଥାଏ । ବିଶେଷ କରି ନାଲି ଓ ଧଳା ମୂଳାକୁ ଆମେ ଖାଦ୍ୟ ଭାବେ ବ୍ୟବହାର କରିଥାଉ । ମୂଳା ଖାଇବା ଫଳରେ ବହୁ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ ।

ଭିଟାମିନ୍‌ରେ ଭରପୁର: ମୂଳା ଖାଇଲେ ପାଚନ ଶକ୍ତି ବଢ଼ିଥାଏ । ମୂଳା ପତ୍ରକୁ ମଧ ଖାଇବାଭଲ । ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଆୟୋଡିନ ଓ ଆଇରନ ଭରପୁର ମାତ୍ରାରେ ରହିଛି । ଏହାକୁ ବିଶେଷ କରି ସାଲାଡ଼ ଭାବେ ଖିଆଯାଏ । ମୂଳାରୁ କ୍ଲୋରିନ, ଫସଫରସ, ସୋଡିୟମ ଓ ମ୍ୟାଗ୍ନେସିୟମ ମଧ ମିଳିଥାଏ । ମୂଳରେ ଭିଟାମିନ୍ ଏ, ବି, ଓ ସି ମଧ ରହିଛି । ଯାହା ପେଟ ଓ ମୂତ୍ର ବିକାର ପାଇଁ ଲାଭଦାୟକ ହୋଇଥାଏ ।

ସ୍ୱାସ୍ଥ୍ୟ ଉପଯୋଗୀ: ପେଟ ପାଇଁ ମୂଳା ଖୁବ୍ ଲାଭଦାୟକ । ପେଟର ବହୁ ରୋଗ ଦୂର କରିଥାଏ । ମୂଳା ରସ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ଯଦି ପେଟରେ ଭାରିପଣ ଅନୁଭବ ହୋଇଥାଏ ତେବେ ମୂଳା ରସରେ ଲୁଣ ମିଶାଇ ପିଇଲେ ଆରାମ ମିଳିଥାଏ ।

ଯଦି ଅଧିକ ପରିସ୍ରା ହେବାର ଚିନ୍ତା ରହିଛି ତ ମୂଳା ରସ ସେବନ କରନ୍ତୁ । ପରିସ୍ରା ଆସିବାରେ ବନ୍ଦ କିମ୍ବା ପରିସ୍ରା ଜ୍ୱଳନ ହେଉଥାଏ । ତେବେ ମୂଳା ରସ ଖୁବ୍ ଉପକାରୀ ପ୍ରମାଣିତ ହୋଇଥାଏ ।

ମୂଳା ଖାଇବା ଫଳରେ ଲିଭର ମଜଭୁତ ହୋଇଥାଏ । ପ୍ଲୀହା ରୋଗୀଙ୍କୁ ଦୈନିକ ଭୋଜନରେ ମୂଳା ଦେବା ଉଚିତ ।

ଗଳା ସୁଜନରେ ମୁଳାର ପାଣି, ସୈନ୍ଧବ ଲବଣ ମିଶାଇ ଗରମ କରି ଏହାକୁ କୁଳି କରନ୍ତୁ । ମୁଳା ରସ



ହୃଦରୋଗୀଙ୍କ ପାଇଁ ଖୁବ୍ ଫଳପ୍ରଦ ।

ମୂଳାକୁ ଘିଅରେ ଭାଜି ଖାଇବା ଫଳରେ ପିତ୍ତଦୋଷ ଓ କଫ ଦୋଷ ଭଲ ହୋଇଥାଏ ।

ମୂଳା ଅନ୍ୟ ସମସ୍ତ ଖାଦ୍ୟକୁ ହଜମ କରିଦେଇଥାଏ ।

ମୂଳା ରସରେ ଅଳ୍ପ ଲୁଣ ଓ ଲେମ୍ବୁ ମିଶାଇ ନିୟମିତ ପିଇବା ଫଳରେ ମେଦବହୁଳତା କମିଥାଏ ।

ସକାଳୁ ମୁଳା ପତ୍ରକୁ ସୈନ୍ଧବ ଲବଣ ସହ ମିଶାଇ ଚୋବାଇଲେ ମୁହଁ ଦୁର୍ଗନ୍ଧ ଦୂର ହୋଇଥାଏ ।

ମୂଳା ଥକ୍କାପଣ ଦୂର କରିବା ସହିତ ଭଲ ନିଦ କରାଏ ।

ପିଲାଙ୍କ ପେଟର କୃମିକୁ ସମୁଳେ ନଷ୍ଟ କରିବା ପାଇଁ କଞ୍ଚା ମୂଳା ଭଲ କାମ କରିଥାଏ ।

ଉଚ୍ଚ ରକ୍ତଚାପ ରୋକିବାରେ ମୂଳା ସହାୟକ ହୋଇଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମୂଳା ରସ ଓ ଅଦା ରସ ସହିତ ଲେମ୍ବୁ ମିଶାଇ ନିୟମିତ ପିଇଲେ ଲାଭ ମିଳିଥାଏ ।

ମୁଳା ତ୍ୱଚା ରୋଗ ପାଇଁ ଖୁବ୍ ଲାଭଦାୟକ । ଧଳା ଛଉ ପାଇଁ ମୁଳା ପତ୍ର ଓ ମଞ୍ଜି ଉଭୟକୁ ବାଟି ଛଉ ସ୍ଥାନରେ ଲେପ ଦେବା ଫଳରେ ଦାଗ ଚାଲିଯାଏ ।

# ତେନ୍ତୁଳିର ଉପଯୋଗିତା

ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି, ସମ୍ବର, ଚଟଣି, ତରକାରିରେ ମଧ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପହର ଅବା ସକଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ । ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଷଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୁର ତେନ୍ତୁଳି



ଅଂଶୁଘାତରୁ ମଧ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଆବଶ୍ୟକତା ବହୁତ ଅଧିକ । ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ ଜରୁରୀ । ନିୟମିତ ଭାବେ ତେନ୍ତୁଳି ଭୋଜନରେ ବ୍ୟବହାର କଲେ ତାହା କେଶ ଓ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

# ପ୍ରୋଟିନ୍‌ରେ ଭରପୂର କାଙ୍କଡ଼

ସବୁ ପନିପରିବାର ଉପକାରିତା ଥିବାବେଳେ କାଙ୍କଡ଼ ପରିବା ନିୟମିତ ଖାଇଲେ ଏହା ମଧ ଶରୀର ଉପରେ ଉତ୍ତମ ପ୍ରଭାବ ପକାଇଥାଏ । କାଙ୍କଡ଼ ଭଜା, ଅବା ତରକାରି ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳିଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।



ମିଳିଥିବା ତଥ୍ୟ ଅନୁସାରେ ପ୍ରୋଟିନ ଓ ପୋଷକତତ୍ତ୍ୱ ଭରପୂର ଏଇ ପରିବା ଆମିଷ ଖାଦ୍ୟ ଠାରୁ ମଧ ଉତ୍ତମ । ମଧୁମେହ ରୋଗୀ ସପ୍ତାହକୁ ୨-୩ ଥର କାଙ୍କଡ ଭଜା ଖାଇଲେ ସେମାନଙ୍କ ମଧୁମେହ ନିୟନ୍ତ୍ରିତ ହୋଇଥାଏ ।

ପରୀକ୍ଷାରୁ ଜଣାପଡିଛି ଯେ ଭୋଜନରେ ପ୍ରତ୍ୟହ କାଙ୍କଡ ଖାଇଲେ କର୍କଟ ହେବାର ଆଶଙ୍କା କମ୍ ହୁଏ ।

ଚକ୍ଷୁର ଜ୍ୟୋତି ବଢ଼ାଉଥିବା ଏଇ ପରିବା ଖରାଦିନରେ ଶରୀରରୁ ଅତ୍ୟଧିକ ଝାଳ ନିର୍ଗତ ହେବାରୁ ରକ୍ଷା କରେ । ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଭରପୂର କାଙ୍କଡ ହଜମ ଶକ୍ତି ବଢ଼ାଇଥାଏ ।

ରକ୍ତ ପରିଷ୍କାର ସହାୟକ ହେଉଥିବା କାଙ୍କଡ଼ରେ ଥିବା ମେମୋରଡିସିନ୍ ତତ୍ତ୍ୱ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ସହ ରକ୍ତଚାପ ମଧ ବଢ଼ାଇ ନ ଥାଏ ।

# ଅବସାଦର ମହୌଷଧି କାଜୁ

ବର୍ତ୍ତମାନର ଜଞ୍ଜାଳପୂର୍ଣ୍ଣ ଜୀବନରେ ଅବସାଦ ମଣିଷ ପାଇଁ ମୁଖ୍ୟ ସମସ୍ୟା । ବିପଦପୂର୍ଣ୍ଣ ଏହି ସମସ୍ୟା ମଣିଷକୁ ମୃତ୍ୟୁ ମୁଖକୁ ମଧ ଟାଣି ନେଇଥାଏ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ 'କାଜୁ' ସେବନ ଉତ୍ତମ ଉପାୟ ।



ଆଧୁନିକ ଜୀବନରେ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ଡିପ୍ରେସନ ବା ଅବସାଦ ସମସ୍ୟା ବଢ଼ିବାରେ ଲାଗିଛି । ଯଦି ଆପଣ ବି ଏହି ସମସ୍ୟାରେ ପୀଡିତ ତେବେ କାଜୁ ସେବନ କରି ଏହାକୁ ସହଜରେ ଦୂର କରିପାରିବେ । କାଜୁ ଅବସାଦ ଉପଚାରରେ ବେଶ୍ ଫାଇଦା ଦେଇଥାଏ । ଏହା ଭିଟାମିନ୍ 'ବି'ର ଏକ ସମୃଦ୍ଧ ସ୍ରୋତ, ଯାହା ଶରୀରର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଥାଏ । ସାମାନ୍ୟ ଉଦାସପଣ ମଧ ଅବସାଦ ଶ୍ରେଣୀରେ ଆସିଥାଏ । କୌଣସି କାର୍ଯ୍ୟରେ ମନ ନ ଲାଗିବା, ଅରୁଚି, କୌଣସି କଥାକୁ ଶୁଣି ଖୁସି ନ ହେବା, ଏମିତିକି ଦୁଃଖକୁ ମଧ ଅନୁଭବ ନ କରିପାରିବା ଅବସାଦର ଲକ୍ଷଣ ।

ଅବସାଦ ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ବିଶେଷ ଭାବେ ପଡିଥାଏ । ଯଦ୍ୱାରା ବ୍ୟକ୍ତି ମନକୁ ଅଜବ ପ୍ରକାରର ଭାବନା ଆସିଥାଏ । ତେବେ ଏସବୁକୁ ନେଇ ଲୋକେ ଭୟଭୀତ ହୋଇପଡନ୍ତି । ଫଳରେ ଏହା ମଧୁମେହ, ହୃଦରୋଗ, ଅନ୍ଧପଣ ତଥା ମସ୍ତିଷ୍କ ଜନିତ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ରକ୍ଷା ପାଇବାକୁ କାଜୁ ସେବନ ନିତାନ୍ତ ଜରୁରୀ । ଏହା ପ୍ରାକୃତିକ ରୂପରେ ଅବସାଦ ଉପଚାର କରିଥାଏ । କାଜୁରେ ଥିବା ମ୍ୟଗ୍ନେସିୟମ ଶରୀରରେ ସେରୋଟନିନକୁ ଆନନ୍ଦ ପ୍ରଦାନକାରୀ ରସାୟନ ବୋଲି କୁହାଯାଏ । ଏହା ବ୍ୟତୀତ କାଜୁରେ ଥିବା କପର ଶରୀରରେ ଏନଜାଇମର ଗତିବିଧି, ହର୍ମୋନର ଉତ୍ପାଦନ, ମସ୍ତିଷ୍କର କାର୍ଯ୍ୟ ଆଦିକୁ ସମ୍ଭାଳିବାରେ ସାହାଯ୍ୟ କରେ । କାଜୁରେ ଏକ ପ୍ରକାର ତେଲ ରହିଛି, ଯାହା ଭିଟାମିନ୍ ବି'ର ଉତ୍ତମ ସ୍ରୋତ । ଏହି କାରଣରୁ ଏହାକୁ ତତ୍କାଳ ଶକ୍ତିଦାୟକ ଖାଦ୍ୟ ପଦାର୍ଥ ବୋଲି କୁହାଯାଏ । ଖାଲି ପେଟରେ ମହୁ ସହ କାଜୁ ସେବନ ଦ୍ୱାରା ସ୍ମରଣ ଶକ୍ତି ମଧ ବୃଦ୍ଧି ପାଇଥାଏ ।

## ଆପଣ ଜାଣନ୍ତି କି ?

- ଆଫ୍ରିକା ଏମିତି ଏକ ମହାଦେଶ ଯାହା ଉତ୍ତର ଦକ୍ଷିଣ, ପୂର୍ବ, ପଶ୍ଚିମ, ଚାରିଟି ଗୋଲାର୍ଦ୍ଧକୁ ପରିବ୍ୟାପ୍ତ ।
- ଚୀନ ବିଶ୍ୱର ଏକମାତ୍ର ଦେଶ ଯାହା ସହିତ ପୃଥିବୀର ୧୪ ଟି ଭିନ୍ନ ଭିନ୍ନ ଦେଶର ସୀମାନ୍ତ ଲାଗିଛି ।
- ପୃଥିବୀ ସର୍ବୋଚ୍ଚ ୨୫ଟି ପର୍ବତଶୃଙ୍ଗ ମଧ୍ୟରେ ୧୯ଟି ରହିଛି ହିମାଳୟ ପର୍ବତମାଳାରେ ।
- ନାଉରୁ ପ୍ରଶାନ୍ତ ମହାସାଗର ମଧ୍ୟରେ ଅବସ୍ଥିତ ଏକ କ୍ଷୁଦ୍ର ଦ୍ୱୀପରାଷ୍ଟ୍ର ଯାହାର କୌଣସି ରାଜଧାନୀ ନାହିଁ ।
- ମ୍ୟାନହାଟନରେ ଏମିତି ଅନେକ ଘର ରହିଛି ଯେଉଁଗୁଡିକର ନିଜସ୍ୱ ଜିପ୍ କୋଡ୍ ରହିଛି ।
- ସବୁଠୁ ଛୋଟ ଜାଗାର ନାଁରେ ରହିଛି ଗୋଟିଏ ମାତ୍ର ଅକ୍ଷର । ସ୍ୱିଡ଼େନ୍ ଆଉ ନରୱେ ମଝିରେ ରହିଛି ଏହି ସ୍ଥାନ ଯାାର ନାଁ ଇଂରାଜୀ ଅକ୍ଷର ଏ । ସ୍କାଣ୍ଡିନେଭିଆନ୍ ଭାଷାରେ ଏହାର ଅର୍ଥ ନଦୀ ।
- ପୃଥିବୀର ପ୍ରାକୃତିକ ହ୍ରଦରୁ ଅର୍ଦ୍ଧାଧିକ ରହିଛି କାନାଡ଼ାରେ । ୫୬୧ ଟି ହ୍ରଦ ରହିଛି ଏହି ଦେଶଟିରେ ଯାହା କାନାଡ଼ାର ୯ ପ୍ରତିଶତ ଅଞ୍ଚଳ ବ୍ୟାପି ପରିବ୍ୟାପ୍ତ ।
- ଏଭରେଷ୍ଟ ବିଶ୍ୱର ଉଚ୍ଚତମ ପର୍ବତଶୃଙ୍ଗ ହେଲେ ମଧ ବିଷୁବ ରେଖା ଉପରେ ଥିବାରୁ ଚନ୍ଦ୍ର ପୃଷ୍ଠର ସବୁଠୁ ପାଖରେ ରହିଛି ଆଣ୍ଡିଜ୍ ପର୍ବତମାଳାର ଶିମ୍ବୋରାଜୋ ଗିରିଶୃଙ୍ଗ ।
- ସବୁଠାରୁ କ୍ଷୁଦ୍ର ରାଷ୍ଟ୍ର ଭାଟିକାନ ସିଟି । ମାତ୍ର ୦.୪୪ କିଲୋମିଟର ଅଞ୍ଚଳ ବ୍ୟାପି ରହିଛି ଏହି ଛୋଟିଆ ଦେଶଟି । ଯଦିଓ ପୃଥିବୀର ବୃହତ୍ତମ ଗୀର୍ଜା କିନ୍ତୁ ଏହି ଦେଶରେ ହିଁ ଅବସ୍ଥିତ ।

## କହିପାରିବେ କି ?

(୧) ଓଡ଼ିଆ ସାମ୍ବାଦିକତାର ଜନକ ରୂପେ କିଏ ଆମ ନିକଟରେ ଖୁବ୍ ପରିଚିତ ?
(୨) ଓଡ଼ିଶାରେ ରେଳପଥ ପ୍ରଥମେ କେବେ ପ୍ରସ୍ତୁତ ହୋଇଥିଲା ?
(୩) ଓଡ଼ିଶାରେ ଜଳସେଚନ ନିମନ୍ତେ କେଉଁ ବିଦେଶୀ ଶାସକମାନଙ୍କ ସମୟରେ କେନାଲ ଖୋଳା କାର୍ଯ୍ୟ ଆରମ୍ଭ ହୋଇଥିଲା ?
(୪) ଉତ୍କଳ ଦୀପିକା କଟକର କେଉଁ ଠାରେ ମୁଦ୍ରିତ ହୋଇ ପ୍ରକାଶ ପାଉଥିଲା ?
(୫) ଇଣ୍ଡିଆନ୍ ସାଇ କ୍ରିଆଟିକ୍ ସୋସାଇଟି କେବେ ଆରମ୍ଭ ହୋଇଥିଲା ?
(୬) ମହାନ୍ ବିଦ୍ୱାନ୍ ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର କେଉଁ ପୁସ୍ତକ ରଚନା କରିଥିଲେ ?
(୭) କେଉଁ ଆଗ୍ନେୟ ଗିରିକୁ ମଧ ପ୍ରାଚ୍ୟର ବତୀଘର କୁହାଯାଏ ?
(୮) ଏ.କେ.୪୭ ରାଇଫଲ କେବେ ଅର୍ଥାତ୍ କେଉଁ ମସିହାରେ ନିର୍ମାଣ ହୋଇଥିଲା ଏବଂ ଏହାର ନିର୍ମାଣ କିଏ କରିଥିଲେ ?
(୯) ଭାରତରେ କେବେ ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା ?
(୧୦) ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରଥମ ଗଭର୍ଣ୍ଣର କିଏ ଥିଲେ ?

### JUMBLE WORDS

| | |
|---|---|
| 1) TJYTE = | 6) GUYRB = |
| 2) POMHO = | 7) SNYITK = |
| 3) NCROOB = | 8) LXAHEE = |
| 4) NEUVEA = | 9) LYODL = |
| 5) LOALW = | 10) CEEEM = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଭିର୍ଜିନିଆ, ୨. ଥେବସ୍, ୩.ଜେରୁଜେଲମ୍, ୪.ଶ୍ରୀକ୍ଷେତ୍ର ପୁରୀ, ୫.ଏକ ପ୍ରକାର ଭିଟାମିନ୍, ୬.ସାଚୁରେଟେଡ ଫ୍ୟାଟି ଏସିଡ, ୭.ପାର୍ସିଆଲ ଡିଷ୍ଟିଲେସନ୍, ୮.ଜେଡ୍ଏନ୍ଏସ୍ଓ ୪, ୭ଏଚ୍ ୨ଓ, ୯.ଠିକ୍, ୧୦.ଉଭୟ ତାପ ଏବଂ ଆଲୋକ ନିର୍ଗତ ହୋଇଥାଏ ।

***Jumble Words*** ର ଉତ୍ତର :-

(1) CRUSH (2) SCULPT (3) NAPKIN (4) KNACK (5) GLOAT (6) NOTARY (7) LEVITY (8) TEMPO (9) MOLDY (10) LAWYER

# ବିଜୟା ଦଶମୀ ଉପଲକ୍ଷେ... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏଥିରେ ଏକ ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ଥିଲା ୨.୧ ପ୍ରଜନନ ହାର (ଟି.ଏଫ୍.ଆର.) ପ୍ରାପ୍ତ କରିବା । ବର୍ତ୍ତମାନ ୨୦୨୨ରେ ପ୍ରତି ପାଂଚ ବର୍ଷରେ ପ୍ରକାଶିତ ଏନ୍.ଏଫ୍.ଏଚ୍.ଏସ୍ ରିପୋର୍ଟ ଅନୁସାରେ ସମାଜର ଜନସଚେତନତା, ସକାରାତ୍ମକ ସହଭାଗୀତା ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମନ୍ୱିତ ପ୍ରଚେଷ୍ଟା ବଳରେ ଟି.ଏଫ୍.ଆର. ୨.୧ ଠାରୁ ମଧ କମ୍, ପାଖାପାଖି ୨.୦ରେ ରହିଛି । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନସଚେତନତା ଓ ଲକ୍ଷ୍ୟ ହାସଲ ନିମନ୍ତେ ଆମେ ନିରନ୍ତର ଅଗ୍ରସର । ଏଠି ଆଉ ଦୁଇଟି ପ୍ରଶ୍ନ ବିଚାରକୁ ଆସେ । ସମାଜ ବିଜ୍ଞାନୀ ଓ ମନୋବିଜ୍ଞାନୀଙ୍କ ମତ ଅନୁସାରେ ଖୁବ୍ ଛୋଟ ପରିବାର ହେବା ଯୋଗୁଁ ବାଳକ-ବାଳିକାଙ୍କ ସ୍ୱାସ୍ଥ୍ୟର ସାମଗ୍ରିକ ବିକାଶ, ପରିବାର ମଧ୍ୟରେ ଅସୁରକ୍ଷାର ଭାବ, ସମାଜରେ ଉତ୍ତେଜନା, ଏକାକୀ ଜୀବନ ଭଳି ଅନେକ ଆହ୍ୱାନ ଆମ ସମ୍ମୁଖରେ ଦଣ୍ଡାୟମାନ । ଏହା ସମାଜର ସଂପୂର୍ଣ୍ଣ ବ୍ୟବସ୍ଥା ଏବଂ ପରିବାରକେନ୍ଦ୍ରିକ ବ୍ୟବସ୍ଥା ଉପରେ ମଧ ପ୍ରଶ୍ନଚିହ୍ନ ସୃଷ୍ଟି କରେ । ଏହାର ଅନ୍ୟ ଏକ ମହତ୍ୱ ହେଲା ଜନସଂଖ୍ୟା ଜନିତ ଅସନ୍ତୁଳନ । ୭୫ ବର୍ଷ ପୂର୍ବେ ଆମେ ନିଜେ ଏହା ଅନୁଭବ କରିଛନ୍ତି ଏବଂ ଏକବିଂଶ ଶତାବ୍ଦୀରେ ଇଷ୍ଟ ତିମୋର, ଦକ୍ଷିଣ ସୁଦାନ ଓ କୋସୋବା ଭଳି ପୃଥିବୀରେ ଯେଉଁ ତିନୋଟି ନୂଆ ଦେଶ ଅସ୍ତିତ୍ୱକୁ ଆସିଛି ତାହା ଇଣ୍ଡୋନେସିଆ, ସୁଦାନ ଓ ସର୍ବିଆର ଏକ ଭୂଭାଗରେ ଜନସଂଖ୍ୟା ସନ୍ତୁଳନ ବିଗିଡି ଯିବାର ପରିଣାମ । ଯେବେ ଯେବେ କୌଣସି ଦେଶରେ ଜନସଂଖ୍ୟା ଜନିତ ଅସନ୍ତୁଳନ ହୁଏ ତେବେ ସେ ଦେଶର ଭୌଗୋଳିକ ସୀମା ମଧ ପରିବର୍ତ୍ତିତ ହୋଇଥାଏ । ଜନ୍ମହାର ଅସମାନତା ସହିତ ଲୋଭ, ବଳପୂର୍ବକ ଧର୍ମାନ୍ତରୀକରଣ, ଅନୁପ୍ରବେଶ ମଧ ଏହାର ବଡ କାରଣ । ଏଥିପାଇଁ ସମସ୍ତଙ୍କୁ ବିଚାର କରିବାକୁ ହେବ । ଜନସଂଖ୍ୟା ନିୟନ୍ତ୍ରଣ ସହିତ ପନ୍ଥ ଆଧାରିତ ଜନସଂଖ୍ୟା ସନ୍ତୁଳନ ମଧ ମହତ୍ୱର ବିଷୟ ଅଟେ । ଏହାକୁ ଅଣଦେଖା କରି ହେବନାହିଁ ।

ଗଣତନ୍ତ୍ରରେ ଜନତାଙ୍କ ମନୋଯୋଗ ପୂର୍ବକ ସହଯୋଗର ମହତ୍ୱ ସର୍ବବିଦିତ । ଏଥିଯୋଗୁଁ ନିୟମ ତିଆରି କରିବା, ଏହାକୁ ସ୍ୱୀକାର କରିବା ଦ୍ୱାରା ଅପେକ୍ଷିତ ପରିଣାମ ପ୍ରାପ୍ତ କରିବା ସମ୍ଭବ ହୋଇଥାଏ । ଯେଉଁ ନିୟମ ଦ୍ୱାରା ତ୍ୱରିତ ଲାଭ ମିଳେ ଅଥବା କାଳାନ୍ତରରେ କୌଣସି ଲାଭ କିମ୍ବା ସ୍ୱାର୍ଥ ସିଦ୍ଧି ଦୃଷ୍ଟିଗୋଚର ହୁଏ ତାହା ବୁଝେଇବାକୁ ପଡିନଥାଏ । କିନ୍ତୁ ଯଦି ଦେଶ ହିତରେ ନିଜ ସ୍ୱାର୍ଥକୁ ଛାଡିବାକୁ ହୁଏ ତେବେ ଏହି ତ୍ୟାଗ ପାଇଁ ସମାଜ 'ସ୍ୱ'ଭାବନା ନେଇ ସର୍ବଦା ପ୍ରସ୍ତୁତ ହେଉ ଏହି ଭାବ ଜାଗୃତ କରିବାର ଆବଶ୍ୟକତା ରହିଛି ।

ଏହି 'ସ୍ୱ' ଆମ ସମସ୍ତଙ୍କୁ ଯୋଡି ରଖେ । କାରଣ ଏହା ଆମ ପୂର୍ବଜମାନେ ପ୍ରାପ୍ତ କରିଥିବା ସତ୍ୟର ପ୍ରତ୍ୟକ୍ଷ ଅନୁଭୂତି ସହିତ ଜଡିତ । 'ସର୍ବ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ୍ 'ଏହି ଏକମାତ୍ର ଶାଶ୍ୱତ ଅବ୍ୟୟ ମୂଳର ଅଭିବ୍ୟକ୍ତି । ଏଥିପାଇଁ ନିଜର ବିଶିଷ୍ଟତା ଉପରେ ଶ୍ରଦ୍ଧାପୂର୍ବକ ଦୃଢ ଥାଇ ସମସ୍ତଙ୍କ ବିବିଧତା, ବିଶିଷ୍ଟତାର ସମ୍ମାନ, ଏହାକୁ ସ୍ୱୀକାର କରିବା ଉଚିତ । ଏହି ଶିକ୍ଷା ଦେଉଥିବା ଦେଶ କେବଳ ଭାରତ । ସମସ୍ତେ ଏକ, ଏଥିପାଇଁ ସମସ୍ତଙ୍କୁ ମିଳିମିଶି ଚାଲିବାକୁ ହେବ । ମାନ୍ୟତାଗୁଡିକର ବିବିଧତା ଆମକୁ ଅଲଗା କରେନାହିଁ । ସତ୍ୟ, କରୁଣା, ଅର୍ନ୍ତବାହ୍ୟ ଶୁଚିତାର ବିବିଧତା ସମସ୍ତଙ୍କୁ ସାଥିରେ ନେଇ ଚାଲିଥାଏ । ସବୁ ବିବିଧତାକୁ ସୁରକ୍ଷିତ ଏବଂ ବିକାଶମାନ ରଖି ସମସ୍ତଙ୍କୁ ଯୋଡିଥାଏ । ଏହାକୁ ଆମେ 'ଧର୍ମ' ବୋଲି କହୁ । ଏହି ଚାରୋଟି ତତ୍ୱକୁ ଆଧାର କରି ସଂପୂର୍ଣ୍ଣ ବିଶ୍ୱ ଜୀବନରେ ସମନ୍ୱୟ, ସମ୍ବାଦ, ସୌହାର୍ଦ୍ଦ୍ୟ ଏବଂ ଶାନ୍ତିପୂର୍ବକ ଜୀବନଯାପନର ସଂସ୍କାରସମ୍ପନ୍ନ ସଂସ୍କୃତି ଆମ ସମସ୍ତଙ୍କୁ ଯୋଡିରହିଛି । ବିଶ୍ୱକୁ କୁଟୁମ୍ବ ଭଳି ଯୋଡିବାର ପ୍ରେରଣା ଦେଉଛି । ପ୍ରକୃତିକୁ ନେଇ ଆମେ ସମସ୍ତେ ବଂଚିଛନ୍ତି । 'ଜୀବନେ ଯାବଦାଦାନଂ ସ୍ୟାତ୍ ପ୍ରଦାନଂ ତତୋଽଧିକଂ' ଭାବନା ଆମେ ଏଥିରୁ ପ୍ରାପ୍ତ କରିଛୁ । ଆମ ରାଷ୍ଟ୍ରୀୟ ଜୀବନର ଏହି ସନାତନ ପ୍ରବାହ ପ୍ରାଚୀନ କାଳରୁ ଏହି ଉଦ୍ଦେଶ୍ୟକୁ ନେଇ ସେହି ରୀତିନୀତିରେ ଚାଲି ଆସିଛି । ସମୟ ଓ ପରିସ୍ଥିତି ଅନୁସାରେ ଏହାର ରୂପ, ପଥ ଓ ଶୈଳୀ ବଦଳିଛି ସତ କିନ୍ତୁ ମୂଳ ବିଚାର, ଉଦ୍ଦେଶ୍ୟ ଏବଂ ଗନ୍ତବ୍ୟ ସ୍ଥଳ ନିରନ୍ତର ଭାବେ ତାହାହିଁ ରହିଛି । ଏହି ପଥରେ ଏହି ନିରନ୍ତର ଗତି ଆମର ଅଗଣିତ ବୀରମାନଙ୍କର ଶୌର୍ଯ୍ୟ ଏବଂ ସମର୍ପଣ, ଅସଂଖ୍ୟ କର୍ମଯୋଗୀଙ୍କର ଅଥକ ପରିଶ୍ରମ ତଥା ଜ୍ଞାନୀମାନଙ୍କର କଠିନ ତପସ୍ୟା ଦ୍ୱାରା ପ୍ରାପ୍ତ ହୋଇଛି । ସେମାନଙ୍କୁ ଆମେ ନିଜ ଜୀବନରେ ଅନୁକରଣୀୟ ଆଦର୍ଶର ସ୍ଥାନ ଦେଉ । ସେମାନେ ସମସ୍ତେ ଆମ ପାଇଁ ଗର୍ବ ଓ ଗୌରବ । ସେମାନେ ଆମକୁ ପୂର୍ବପୁରୁଷଙ୍କ ସହିତ ଯୋଡି ରଖିବାର ଆଉ ଏକ ଆଧାର । ସେ ସମସ୍ତେ ଆମ ପବିତ୍ର ମାତୃଭୂମି ଭାରତବର୍ଷର ଗୁଣଗାନ କରିଛନ୍ତି । ପ୍ରାଚୀନ କାଳରୁ ସମସ୍ତ ପ୍ରକାର ବିବିଧତାକୁ ସମ୍ମାନର ସହିତ ସ୍ୱୀକର କରି ସାଥିହୋଇ ଚାଲିବା ଆମର ସ୍ୱଭାବରେ ପରିଣତ ହୋଇଛି । ଭୌତିକ ସୁଖ ଉପରେ ଆଶ୍ରିତ ନହୋଇ ନିଜ ଅନ୍ତରର ଗଭୀରତାରେ ଆମେ ନିଜ ଅସ୍ତିତ୍ୱର ସତ୍ୟକୁ ପ୍ରାପ୍ତ କରିଛନ୍ତି । ସମଗ୍ର ବିଶ୍ୱକୁ ନିଜ ପରିବାର ମାନି ସର୍ବତ୍ର ଜ୍ଞାନ, ବିଜ୍ଞାନ, ସଂସ୍କୃତି ଓ ଭଦ୍ରତାର ପ୍ରସାର କରିଛନ୍ତି । ଏହାର କାରଣ ହେଉଛି ଆମ ମାତୃଭୂମି ଭାରତ । ପ୍ରାଚୀନ କାଳରେ ସୁଜଳ ସୁଫଳ ମଳୟଜ ଶୀତଳ ଏହି ଭାରତ ମାତା ପ୍ରାକୃତିକ ଭାବେ ସର୍ବଦା ସୁରକ୍ଷିତ ନିଜ ଚର୍ତୁସୀମା ମଧ୍ୟରେ ଯେଉଁ ସୁରକ୍ଷା ଓ ନିଶ୍ଚିନ୍ତତାର ଭାବ ଆମକୁ ଦେଇଛି ଏହା ହେଉଛି ତାହାରି ଫଳ । ସେହି ଅଖଣ୍ଡ ମାତୃଭୂମିର ଅନନ୍ୟ ଭକ୍ତି ଆମ ରାଷ୍ଟ୍ରୀୟତାର ମୁଖ୍ୟ ଆଧାର ।

ପ୍ରାଚୀନ କାଳରୁ ଭୂଗୋଳ, ଭାଷା, ପନ୍ଥ, ଚାଲିଚଳନ, ସାମାଜିକ ତଥା ରାଜନୈତିକ ବ୍ୟବସ୍ଥାର ବିବିଧତା ସତ୍ତ୍ୱେ ସମାଜ ଭାବରେ, ଏକ ସଂସ୍କୃତି ଭାବରେ, ଏକ ରାଷ୍ଟ୍ର ଭାବରେ ଆମ ଜୀବନ ପ୍ରବାହ ଅକ୍ଷୁର୍ଣ୍ଣ ରହିଛି । ଏଥିରେ ସମସ୍ତ ବିବିଧତାର ସ୍ୱୀକାର, ସମ୍ମାନ, ସୁରକ୍ଷା ଓ ବିକାଶର ଭାବ ନିହିତ । କାହାରିକୁ ନିଜର ସଂକୁଚିତ ମନୋଭାବ, କଟ୍ଟରତା, ଆକ୍ରାମକତା ଏବଂ ଅହଂକାର ଛଡା ଅନ୍ୟକିଛି ଛାଡିବା ଦରକାର ନାହିଁ । ସତ୍ୟ, କରୁଣା, ଅର୍ନ୍ତ-ବାହ୍ୟଶୁଚିତା ଏହି ତିନୋଟିର ସାଧାନା ବ୍ୟତିତ ଅନ୍ୟ କିଛି ଅନିର୍ବାର୍ଯ୍ୟ ନୁହେଁ । ଭାରତ ଭକ୍ତି ଆମର ସମାନ ପୂର୍ବପୁରୁଷଙ୍କ ଆଦର୍ଶ ଓ ଭାରତର ସନାତନ ସଂସ୍କୃତି ଏହି ତିନୋଟି ଦୀପସ୍ତମ୍ଭ ଦ୍ୱାରା ପ୍ରକାଶିତ ପ୍ରଶସ୍ତ ପଥରେ ମିଳିମିଶି ପ୍ରେମପୂର୍ବକ ଆଗେଇ ଚାଲିବା ହିଁ ଆମର 'ସ୍ୱ', ଆମର ରାଷ୍ଟ୍ରଧର୍ମ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମାଜ ପାଇଁ ଏହି ଆହ୍ୱାନ ଆରମ୍ଭରୁ ଦେଇ ଆସିଛି । ଆଜିର ଅନୁଭବ କହେ ଯେ, ଏହି ଆହ୍ୱାନକୁ ଶୁଣିବା ବୁଝିବା ପାଇଁ ସମସ୍ତେ ପ୍ରସ୍ତୁତ । ଅଜ୍ଞାନ, ଅସତ୍ୟ, ଦ୍ୱେଷ, ଭୟ ଅଥବା ସ୍ୱାର୍ଥ କାରଣରୁ ସଂଘ ବିରୋଧରେ ଯେଉଁ ଅପପ୍ରଚାର ଚାଲିଛି ତାର ପ୍ରଭାବ ଏବେ କମ୍ ହେବାରେ ଲାଗିଛି । ସମାଜ ସଂପର୍କ କାରଣରୁ ସଂଘର ବ୍ୟାପ୍ତି ଅର୍ଥାତ ସଂଘର ଶକ୍ତିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ସତ୍ୟକୁ ବିଶ୍ୱ ସ୍ୱୀକାର କରୁ ଏଥି ନିମନ୍ତେ ସତ୍ୟକୁ ମଧ ଶକ୍ତିଶାଳୀ ହେବାକୁ ପଡିଥାଏ । ଏହା ଜୀବନର ବିଚିତ୍ର ବାସ୍ତବତା । ସଂସାରରେ ଦୁଷ୍ଟଶକ୍ତି ରହିଛନ୍ତି, ତାଙ୍କଠାରୁ ବଂଚିବା ଏବଂ ଅନ୍ୟକୁ ବଂଚାଇବା ପାଇଁ ସଜ୍ଜନଙ୍କ ସଂଗଠିତ ଶକ୍ତି ଆବଶ୍ୟକ । ସଂଘ ଉପରୋକ୍ତ ରାଷ୍ଟ୍ରୀୟ ବିଚାରର ପ୍ରଚାର ପ୍ରସାର କରିବା ସହିତ ସଂପୂର୍ଣ୍ଣ ସମାଜକୁ ଏକ ସଂଗଠିତ ଶକ୍ତିରୂପେ ଛିଡା କରିବା ପାଇଁ କାର୍ଯ୍ୟ କରି ଆସୁଛି, ଏହା ହେଉଛି ହିନ୍ଦୁ ସମାଜର ସଂଗଠନ କାର୍ଯ୍ୟ । କାରଣ ଉପରୋକ୍ତ ରାଷ୍ଟ୍ର ବିଚାରକୁ ହିଁ ହିନ୍ଦୁ ରାଷ୍ଟ୍ର ବିଚାର କୁହାଯାଏ ଆଉ ଏହା ମଧ ସତ୍ୟ । ତେଣୁ ସଂଘ ଉପରୋକ୍ତ ରାଷ୍ଟ୍ର ବିଚାରକୁ ମାନୁଥିବା ସମସ୍ତଙ୍କୁ ଅର୍ଥାତ ହିନ୍ଦୁ ସମାଜର ସଂଗଠନ, ହିନ୍ଦୁ ଧର୍ମ, ସଂସ୍କୃତି ଏବଂ ସମାଜକୁ ସଂରକ୍ଷିତ କରିବା ସହିତ ହିନ୍ଦୁ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ 'ସର୍ବେଷାଂ ଅବିରୋଧେନ..' କାମ କରୁଛି ।

ଏବେ ସଂଘକୁ ସମାଜର ଯେଉଁ ସ୍ନେହ ଏବଂ ବିଶ୍ୱାସ ମିଳିଛି ତାହା ଏକ ଶକ୍ତି । ତେଣୁ ହିନ୍ଦୁ ରାଷ୍ଟ୍ର ବିଷୟକୁ ଲୋକେ ଗମ୍ଭୀର ଭାବେ ବିଚାର କରୁଛନ୍ତି । ଏହି ଭାବନା ମନରେ ରଖୁଥିବା କିନ୍ତୁ ହିନ୍ଦୁ ଶବ୍ଦର ବିରୋଧ କରି ଅନ୍ୟ ଶବ୍ଦ ପ୍ରୟୋଗ କରୁଥିବା ଲୋକ ମଧ ଅଛନ୍ତି । ଆମେ ତାଙ୍କୁ ବିରୋଧ କରୁନାହୁଁ । ନିଜ ବିଚାରଧାରାର ସ୍ପଷ୍ଟତା ନିମନ୍ତେ ଆମେ ସର୍ବଦା ହିନ୍ଦୁ ଶବ୍ଦ ପ୍ରତି ଆଗ୍ରହ ରଖୁଥିବୁ । ତଥାକଥିତ ଅଳ୍ପସଂଖ୍ୟକଙ୍କ ମଧ୍ୟରେ ଅକାରଣରେ ଏକ ଭୟର ବାତାବରଣ ସୃଷ୍ଟି କରାଯାଇଛି ଯେ, ଆମ ଠାରୁ ଅଥବା ସଂଗଠିତ ହିନ୍ଦୁଙ୍କ ଠାରୁ ସେମାନଙ୍କୁ ବିପଦ ରହିଛି । କିନ୍ତୁ ଏଭଳି ନା କେବେ ହୋଇଛି ନା କେବେ ହେବ । ହିନ୍ଦୁ କିମ୍ବା ସଂଘର ସ୍ୱଭାବ ଏପରି ନୁହଁ, ଏହା ଇତିହାସ କହେ । ଅନ୍ୟାୟ, ଅତ୍ୟାଚାର, ଦ୍ୱେଷ ଭାବନା ନେଇ ଗୁଣ୍ଡାଗିରି କରୁଥିବା ଲୋକେ ଯଦି ସମାଜର ଶତ୍ରୁ ସାଜନ୍ତି ତେବେ ଆତ୍ମରକ୍ଷା କିମ୍ବା ପ୍ରତିରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ । (କାହା ପାଇଁ ଭୟର କାରଣ ସାଜେ ନାହିଁ କି କାହାଠାରୁ ଭୟ ପାଏ ନାହିଁ) ଏଭଳି ହିନ୍ଦୁ ସମାଜ ଛିଡା ହେଉ ଏହା ହିଁ ସମୟର ଆହ୍ୱାନ । ଏହା କାହାରି ବିରୋଧି ନୁହେଁ । ସଂଘ ସଂପୂର୍ଣ୍ଣ ଦୃଢତାର ସହିତ ଭ୍ରାତୃଭାବ, ଭଦ୍ରତା ଏବଂ ଶାନ୍ତି ପକ୍ଷରେ ଛିଡା ହୋଇଛି ।

ଏଭଳି ଚିନ୍ତା ମନରେ ରଖି ତଥାକଥିତ ଅଳ୍ପସଂଖ୍ୟକ ମାନଙ୍କ ମଧ୍ୟରେ କିଛି ସଜ୍ଜନ ବିଗତ ବର୍ଷମାନଙ୍କରେ ଆମ ସହିତ ସାକ୍ଷାତ କରିଆସୁଛନ୍ତି । ସେମାନଙ୍କ ସହ ସଂଘର କିଛି ଅଧିକାରୀ ସଂପର୍କ ସ୍ଥାପିତ କରିଛନ୍ତି ଏବଂ ଆଗକୁ ମଧ କରିବେ । ଭାରତ ଏକ ପ୍ରାଚୀନ ରାଷ୍ଟ୍ର, ଏକ ରାଷ୍ଟ୍ର । ଏହାର ସେହି ପରିଚୟ ଏବଂ ପରମ୍ପରାର ଧାରାକୁ ତନ୍ମୟତା ପୂର୍ବକ ନିଜ ନିଜ ବିଶିଷ୍ଟତାରେ ଦୃଢ ରହି ଆମେ ସମସ୍ତେ ପ୍ରେମ, ସମ୍ମାନ ଓ ଶାନ୍ତି ସହିତ ମିଳିମିଶି ରାଷ୍ଟ୍ରର ନିସ୍ୱାର୍ଥ ସେବା କରିଚାଲିବା । ଜଣେ ଅନ୍ୟର ସୁଖ ଦୁଃଖର ସାଥିହେଉ, ଭାରତକୁ ଜାଣୁ, ଭାରତକୁ ମାନୁ, ଭାରତର ହେଉ ଏହି ଏକାତ୍ମ, ସମରସ ରାଷ୍ଟ୍ରର କଳ୍ପନା ସଂଘ କରିଥାଏ । ଏହାଛଡା ସଂଘର ଆଉ କୌଣସି ସ୍ୱାର୍ଥ କିମ୍ବା ଉଦ୍ଦେଶ୍ୟ ନାହିଁ ।

ବିଗତ ଦିନରେ ଉଦୟପୁରରେ ଏକ ଅତ୍ୟନ୍ତ ଜଘନ୍ୟ ଏବଂ ଲୋମହର୍ଷକ ଘଟଣା ଘଟିଥିଲା । ସମଗ୍ର ସମାଜ ସ୍ତବ୍ଧ ହୋଇଗଲା । ଅଧିକାଂଶ ଲୋକ ଦୁଃଖିତ ଓ ଆକ୍ରୋଶର ବଶବର୍ତ୍ତୀ ହୋଇ ପଡିଥିଲେ । ଏଭଳି ଘଟଣାର ପୁନରାବୃତି ନହେଉ ଏହା ସୁନିଶ୍ଚିତ କରିବାକୁ ହେବ । ଏଭଳି ଘଟଣାର ମୂଳରେ ସଂପୂର୍ଣ୍ଣ ସମାଜର ସଂପୃକ୍ତି ନଥାଏ । ଉଦୟପୁର ଘଟଣା ପରେ ମୁସଲମାନ ସମାଜର କିଛି ପ୍ରମୁଖ ବ୍ୟକ୍ତି ବିଶେଷ ଏହାକୁ ବିରୋଧ କରିଥିଲେ । ଏ ବିରୋଧ ଏକ ଅପବାଦ ହୋଇ ରହି ନଯାଉ । ବରଂ ଅଧିକାଂଶ ମୁସଲମାନ ସମାଜର ଏହା ସ୍ୱଭାବ ହେଉ । ଏଭଳି ଘଟଣାରେ ହିନ୍ଦୁ ସମାଜର ଏକ ବଡ ବର୍ଗ ମୁଖର ହୋଇ ଏହାର ବିରୋଧ କରିଥାଏ ।

ବିରୋଧ ପ୍ରଦର୍ଶନର ଯେକୌଣସି ଘଟଣା ହେଉ ସମସ୍ତଙ୍କୁ ଆଇନ୍ କାନୁନ୍ ଓ ସମ୍ବିଧାନର ମର୍ଯ୍ୟାଦାରେ ରହିବିରୋଧ ପ୍ରଦର୍ଶନ କରିବା ଉଚିତ । ସମାଜ ଯୋଡି ହୋଇ ରହୁ, ଭାଙ୍ଗି ନଯାଉ, ଝଗଡା ନକରୁ । ମନ, ବଚନ, କର୍ମରେ ଏହି ଭାବନା ନେଇ ସମାଜର ସମସ୍ତ ସଜ୍ଜନଙ୍କୁ ମୁଖର ହେବାକୁ ପଡିବ । ଆମେ ଭିନ୍ନ ଓ ବିଶିଷ୍ଟ, ତେଣୁ ଆମେ ଅଲଗା, ଆମକୁ ଅଲଗା ସ୍ଥାନ ଦରକାର; ଏହି ଦେଶ ସହିତ, ଏହାର ମୂଳ ଭାବନା, ମୁଖ୍ୟ ବିଚାରଧାରା ଓ ପରିଚୟ ସହିତ ଆମେ ରହି ପାରିବୁ ନାହିଁ । ଏହି ଅସତ୍ୟ କାରଣରୁ 'ଭାଇ ଟୁଟେ ଧରତୀ ଖୋୟି ମିଟେ ଧର୍ମସଂସ୍ଥାନ' । ଏହି ବିଭାଜନର ବିଷ ଭାବନା ନେଇ କେହି ହେଲେ ସୁଖୀ ହୋଇ ରହିନାହିଁ । ଆମେ ଭାରତର, ଭାରତୀୟ ପୂର୍ବପୁରୁଷଙ୍କର, ଭାରତର ସନାତନ ସଂସ୍କୃତିର, ସମାଜ ଓ ରାଷ୍ଟ୍ରୀୟତାର ଆଧାରରେ ଏକ-ଏହା ହିଁ ଆମର ତାରକ ମନ୍ତ୍ର ।

ସ୍ୱାଧୀନତାର ୭୫ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି । ଆମ ରାଷ୍ଟ୍ରୀୟ ନବଉତ୍‌ଥାନର ପ୍ରାରମ୍ଭକାଳରେ ସ୍ୱାମୀ ବିବେକାନନ୍ଦ ଆମକୁ ଆହ୍ୱାନ ଦେଇଥିଲେ ଯେ, ଆମେ ଭାରତ ମାତାକୁ ଆରାଧ ମାନି କର୍ମରତ ହେବା । ୧୫ ଅଗଷ୍ଟ ୧୯୪୭ ସ୍ୱାଧୀନତା ଦିବସ ଉପଲକ୍ଷେ ମହର୍ଷି ଅରବିନ୍ଦ ଭାରତବାସୀଙ୍କୁ ଏହି ବାର୍ତ୍ତା ଦେଇଥିଲେ ସେଥିରେ ତାଙ୍କର ପାଂଚଟି ସ୍ୱପ୍ନର ଉଲ୍ଲେଖ ରହିଛି । ପ୍ରଥମେ ଥିଲା ଭାରତର ସ୍ୱାଧୀନତା ଓ ଏକାତ୍ମତା । ସାମ୍ବିଧାନିକ ରୀତି ଅନୁସାରେ ରାଜ୍ୟ ଗୁଡିକୁ ବିଲୟକରି ଏକ ସଂଘୀୟ ଭାରତ ଗଠନ ହେବାରେ ସିଏ ପ୍ରସନ୍ନତା ବ୍ୟକ୍ତ କରିଛନ୍ତି । କିନ୍ତୁ ବିଭାଜନ କାରଣରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ବଦଳରେ ଗୋଟିଏ ରାଜନୈତିକ ଫାଟ ସୃଷ୍ଟି ହୋଇଛି । ଯାହା ଭାରତର ଏକାତ୍ମତା, ଉନ୍ନତି ଓ ଶାନ୍ତି ମାର୍ଗରେ ବାଧା ସୃଷ୍ଟି କରିପାରେ । ଏହା ତାଙ୍କର ମଧ ଚିନ୍ତା ଥିଲା । ଯାହା ହେଉନା କାହିଁକି ବିଭାଜନ ନିରସ୍ତ ହୋଇ ଭାରତ ଅଖଣ୍ଡ ହେଉ ଏଭଳି ଉତ୍କଟ ଇଚ୍ଛା ସେ ବ୍ୟକ୍ତ କରିଥିଲେ । କାରଣ ତାଙ୍କର ସମସ୍ତ ଆଗାମୀ ସ୍ୱପ୍ନ ଥିଲା ଯେ ଏସିଆର ଦେଶଗୁଡିକରେ ମୁକ୍ତିର ବାର୍ତ୍ତା, ବିଶ୍ୱରେ ଏକତା, ଭାରତର ଆଧାତ୍ମିକତାର ବିଶ୍ୱବ୍ୟାପୀ ଅଭିମନ୍ତ୍ରଣ ଏବଂ ମାନବର ଅତିମାନସ ଜଗତରେ ଅବତରଣ ସାକାର କରିବା ନିମନ୍ତେ ଭାରତ ହିଁ ମୁଖ୍ୟ ଭୂମିକା ନେବ ଏହା ସେ ଜାଣିଥିଲେ । ତେଣୁ କର୍ତ୍ତବ୍ୟ ନିମନ୍ତେ ତାଙ୍କ ବାର୍ତ୍ତା ଖୁବ୍ ସ୍ପଷ୍ଟ ।

ରାଷ୍ଟ୍ର ଇତିହାସରେ ଏପରି ସମୟ ଆସିଥାଏ ଯେତେବେଳେ ନିୟତି ତା ସମ୍ମୁଖରେ ଏପରି ଏକ କାର୍ଯ୍ୟ, ଏକ ଲକ୍ଷ୍ୟ ରଖି ଦେଇଥାଏ , ଯାହା ଉପରେ ଅନ୍ୟ ସବୁ, ତାହା ଯେତେ ଉନ୍ନତ ଅଥବା ଉଦ୍ଦାତ ହେଉ ନା କାହିଁକି, ତାହା ତ୍ୟାଗ କରିବାକୁ ପଡିଥାଏ । ଆମର ମାତୃଭୂମି ପାଇଁ ଏବେ ଏହିପରି ସମୟ ଆସିଛି ଯେ ତାର ସେବା ବ୍ୟତୀତ ଆମ ପାଇଁ ଅନ୍ୟ କିଛି ପ୍ରିୟ ନୁହେଁ । ଏବେ ସବୁକିଛି ତାହା ପାଇଁ ପ୍ରଚେଷ୍ଟା କରିବାର ଅଛି । ଯଦି ଆପଣ ପଢିବେ ତାହା ପାଇଁ ପଢନ୍ତୁ, ଶରୀର, ମନ ଓ ଆତ୍ମାକୁ ତାହାରି ସେବା ପାଇଁ ହିଁ ପ୍ରଶିକ୍ଷିତ କରନ୍ତୁ । ନିଜ ଜୀବିକା ଏଇଥି ପାଇଁ ନିର୍ବହନ କରନ୍ତୁ ଯେ ତାହାରି ପାଇଁ ଆମକୁ ବଂଚିବାର ଅଛି । ସାଗର ସେପାରି ବିଦେଶକୁ ଏଇଥିପାଇଁ ଯାଆନ୍ତୁ ଯେ ସେଠାରୁ ଜ୍ଞାନ ଆଣି ରାଷ୍ଟ୍ରର ସେବା କରି ହେବ । ତାର ବୈଭବ ପାଇଁ କାମ କରିବାକୁ ହେବ । ରାଷ୍ଟ୍ର ଆନନ୍ଦରେ ରହୁ ସେଥିପାଇଁ ଦୁଃଖ ସହିବାକୁ ହେବ । ଏହି ଗୋଟିଏ ପରାମର୍ଶ ମଧ୍ୟରେ ସବୁକିଛି ଭାବ ନିହିତ ରହିଛି ।

# ରାଜନୀତି ମୋ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

'ଦି ୱିକ୍'ରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସହ ଏକ ସାକ୍ଷାତକାର ପ୍ରକାଶିତ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜନୀତିରେ ପ୍ରବେଶ ଦିନଠାରୁ ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କୁ ନିଜ ପରିବାରର ସଦସ୍ୟ ଭାବରେ ମୁଁ ବିବେଚନା କରିଛି । ସେମାନଙ୍କ ସେବା କରିବା ଲାଗି ହିଁ ରାଜନୀତିରେ ରହିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କ ସହଯୋଗରୁ ଅନେକ ସଫଳ କାର୍ଯ୍ୟ ହୋଇଛି, କିନ୍ତୁ ଆଗକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାର ଅଛି । ବିଶେଷକରି ମହିଳା ସଶକ୍ତିକରଣ ମୋ ହୃଦୟରେ ସ୍ୱତନ୍ତ୍ରତା ବହନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନୁରୂପ ଭାବରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମୋ ଓଡ଼ିଶାର ଲୋକମାନେ ଯେପରି ପୂର୍ଣ୍ଣ ଦକ୍ଷତାର ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ଶିଳ୍ପାୟନ ଏବଂ ସେବା କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିବେ ତାହା ମୋର ଲକ୍ଷ୍ୟ । ଓଡ଼ିଶାର ଲୋକମାନେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଜୀବନଶୈଳୀ ଲାଭ କରି ସବୁ ଦିଗରୁ ସଶକ୍ତ ହୋଇ ପାରିବେ ତାହା ମୋର ଅଭିଳାଷ । ଏହି ଲକ୍ଷ୍ୟ ହାସଲ ପାଇଁ ଆମ ସରକାର କାମ କରୁଛନ୍ତି । ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ରୂପାନ୍ତରଣ, କୃଷକ ସଶକ୍ତିକରଣ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅନେକ ପ୍ରସଙ୍ଗ ଏଥିରେ ଉଲ୍ଲେଖ କରାଯାଇଛି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

ଓଡ଼ିଶା ସରକାର



## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆପଣମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

सत्यमेव जयते

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ମାରୱାଡି ଯୁବାମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର



ସମ୍ବଲପୁର: ମାରୱାଡି ଯୁବାମଞ୍ଚ ନବଚେତନା ଓ ଉଦୟ ଷ୍ଟାର୍ସ ପକ୍ଷରୁ ତ୍ରିଦିବସୀୟ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହାକୁ ଉଦଘାଟନ କରିଥିଲେ । ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ମାରୱାଡି ସମ୍ମେଳନର ପ୍ରାନ୍ତୀୟ ଅଧକ୍ଷ ଗୋବିନ୍ଦରାମ ଅଗ୍ରୱାଲ, ରାଷ୍ଟ୍ରୀୟ ଉପାଧକ୍ଷ ଅଶୋକ ଜଲାନ, ଅଖିଳ ଭାରତୀୟ ମାରୱାଡି ଯୁବା ମଞ୍ଚ ସଂଯୋଜକ ପରାଗ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧକ୍ଷ ପ୍ରତୀକ ଅଗ୍ରୱାଲ ଓ ପୂର୍ବ ପ୍ରାନ୍ତୀୟ ଅଧକ୍ଷ ନାରାୟଣ ମୋଦୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଶିବିରରେ ପଡୋଶୀ ରାଜ୍ୟ ଛତିଶଗଡ଼, ଝାଡଖଣ୍ଡ ଓ ବିହାରରୁ ଶତାଧିକ ବ୍ୟକ୍ତି ସାମିଲ ହୋଇ ଅଙ୍ଗ ପ୍ରତ୍ୟାରୋପଣ ଓ ପରୀକ୍ଷା କରିଥିଲେ । ମଞ୍ଚ ତରଫରୁ ପଞ୍ଚମ ଥର ପାଇଁ ଆୟୋଜିତ ଏହି ଶିବିରରେ ରଶ୍ମୀ ଅଗ୍ରୱାଲ, ରାକ୍ଷୀ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ପ୍ରିୟାଂଶୁ ଅଗ୍ରୱାଲ, ଶିବ ଅଗ୍ରୱାଲ, ଦୀପକ ମିତ୍ତଲଙ୍କ ସହ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

## କୋଲାବିରାରେ ଅଶୋକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଝାରସୁଗୁଡ଼ା : କୋଲାବିରା ମିନି ଷ୍ଟାଡିୟମରେ ଆୟୋଜିତ ଦ୍ୱିତୀୟ ଅଶୋକ ସିଂ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମନ୍ତ୍ରୀମୁଣ୍ଡା ଦଳ ଡୁମେରଡିହି ଦଳକୁ ୨-୦ ଗୋଲରେ ପରାଜିତ କରି ଚାମ୍ପିଅନ ହୋଇଛି । କୋଲାବିରାର ପ୍ରସିଦ୍ଧ ବଏଲ ଯାତ୍ରା ଉପଲକ୍ଷେ ମାଁ ସମଲେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ ।

## ମାରୱାଡି ମହିଳା ସମିତି ପକ୍ଷରୁ ଉଦ୍ୟୋଗ ମେଳା



ସମ୍ବଲପୁର : କ୍ଷେତରାଜପୁର ମାରୱାଡି ମହିଳା ସମିତି ପକ୍ଷରୁ ଦୁଇଦିନିଆ ରାଷ୍ଟ୍ରୀୟ ଉଦ୍ୟୋଗ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା, ଝାରଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶ ରାଜ୍ୟରୁ ମହିଳାମାନେ ଆସି ବିଭିନ୍ନ ପ୍ରକାରର ଶାଢ଼ୀ, ସୁଟ୍, ଗହଣା, ପୋଷାକ, ଖେଳ ସାମଗ୍ରୀ ଇତ୍ୟାଦି ବିକ୍ରୀ କରିଥିଲେ । ଉଦ୍ୟୋଗ ମେଳାର ଅଧକ୍ଷା ଶ୍ରୀମତୀ ପ୍ରେମା ପନ୍‌ସାରୀ ଏବଂ ଶ୍ରୀମତୀ ମଞ୍ଜୁ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ନଳିନୀ ପ୍ରଧାନ ବିଜେଡିର ସମ୍ବଲପୁର ପର୍ଯ୍ୟବେକ୍ଷକ



ସମ୍ବଲପୁର : ବିଜୁ ଜନତା ଦଳ ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ପୁଣିଥରେ ନଳିନୀ ପ୍ରଧାନଙ୍କୁ ଦଳ ଦାୟିତ୍ୱ ଦେଇଛି । ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏହି ନିଯୁକ୍ତି ଦେଇଛନ୍ତି । ବିଗତ ୩ ବର୍ଷ ହେଲା ଶ୍ରୀ ପ୍ରଧାନ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ । ଦଳର ସଙ୍ଗଠନ ନିର୍ବାଚନ ପରିଚାଳନା କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ପଞ୍ଚାୟତ ନିର୍ବାଚନ ସମୟରେ ଜିଲ୍ଲାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା । ପୂର୍ତ୍ତ ବିଭାଗ ସଚିବ ପଦବୀରୁ ସେ ଅବସର ଗ୍ରହଣ କରିବା ପରେ ଦଳ ତାଙ୍କୁ ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ କରିଥିଲା । ତେବେ ସେଥିରେ ସେ ପରାଜୟ ବରଣ କରିବା ପରେ ଦଳ ତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra